ଧରିତ୍ରୀ
DHARITRI

February 15-21, 2026 ₹2/-

ଧରିତ୍ରୀ DHARITRI 52 Years

# ଛୁଟିଦିନ

# ରୁଦ୍ରାକ୍ଷ





ହିନ୍ଦୁଧର୍ମରେ ରୁଦ୍ରାକ୍ଷର ସ୍ଥାନ ଖୁବ୍ ପବିତ୍ର। ବିଶେଷକରି ଏହା ଶୈବ ସଂସ୍କୃତିର ମହିମା ଗାନ କରେ। କେବଳ ଧାର୍ମିକ ଭାବନା ନୁହେଁ, ଚିକିତ୍ସା କ୍ଷେତ୍ରରେ ମଧ୍ୟ ଏହାର ଅବଦାନ ଅତୁଳନୀୟ...

୩
ପ୍ରଚ୍ଛଦ ପ୍ରସଙ୍ଗ

## ଜାଗର ଜାଳୁଥିଲେ...

ମହାଶିବରାତ୍ରି ବା ଜାଗର ଅବସରରେ ପବିତ୍ର ମନରେ ଦେବଦେବ ମହାଦେବଙ୍କୁ ସୁମରଣା କଲେ ପ୍ରଭୁ କୃପା ମିଳେ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଅନେକେ ଜାଗରରେ ଉପବାସ ରଖିବା ସହ ପ୍ରଭୁଙ୍କର ନାମ ଜପିଥା'ନ୍ତି, ସନ୍ଧ୍ୟାରେ ଘରେ ହେଉ କି ମନ୍ଦିରକୁ ଯାଇ ଦୀପ ଜାଳିଥା'ନ୍ତି। ତେବେ ଏହି ଜାଗର ଜାଳିବାକୁ ନେଇ ବି ରହିଛି କିଛିଟା ନିୟମ ...



* ମହାଶିବରାତ୍ରି ବା ଜାଗର ଦିନ ଠାକୁର ଘରେ, ତୁଳସୀ ଚଉରାମୂଳେ ଦୀପ ଜାଳିବା ସହ ନିକଟରେ ଯଦି ଅଶ୍ୱତ୍ଥ ଗଛ ରହିଛି, ତା'ହେଲେ ତା' ମୂଳରେ ମଧ୍ୟ ଦୀପଟିଏ ଜାଳିବା ଶୁଭ ହୋଇଥାଏ। କାରଣ ଅଶ୍ୱତ୍ଥ ଗଛରେ କୁଆଡ଼େ ତେତ୍ରିଶ କୋଟି ଦେବଦେବୀ ବାସ କରିଥାନ୍ତି। ତେଣୁ ଏହି ଗଛମୂଳରେ ଦୀପ ଜାଳିଲେ ପ୍ରଭୁକୃପା ମିଳେ ବୋଲି ବିଶ୍ୱାସ।
* ଏହି ପବିତ୍ର ଦିନରେ ଯଦି କୌଣସି ନିରାଞ୍ଜନ ଅନ୍ଧାରୁଆ ସ୍ଥାନରେ ଶିବଲିଙ୍ଗ ଥିବାର ଜାଣିଥାନ୍ତି, ତା'ହେଲେ ସେଠାରେ ମଧ୍ୟ ଦୀପ ଜାଳିଲେ ପ୍ରଭୁକୃପା ଲାଭ ହେବା ସହ ମନୋବାଞ୍ଛା ପୂର୍ଣ୍ଣ ହୋଇଥାଏ ବୋଲି ମାନ୍ୟତା ରହିଛି।
* ଗୋଟିଏ ଦୀପରୁ ଆଉ ଗୋଟିଏ ଦୀପ ସିଧାସଳଖ ଲଗାଇବା ଶୁଭ ନୁହେଁ। ଆବଶ୍ୟକ ସ୍ଥଳେ ଦିଆସିଲି ବ୍ୟବହାର କରିପାରିବେ, ନଚେତ୍ ଗୋଟିଏ ସଳିତାକୁ ଜଳାଇ ତାହାକୁ ଗୋଟିଏ ପରେ ଗୋଟିଏ ଦୀପରେ ଲଗାଇବେ।
* ଏହି ଦିନ ଘରେ ହେଉ କି ମନ୍ଦିରରେ ଦୀପ ଜାଳିବା ସମୟରେ ଦୀପର ମୁହଁ ଉତ୍ତର ଦିଗକୁ ରହିଲେ ଶୁଭ ହୋଇଥାଏ।
* ଜାଗରରେ ୧, ୫, ୭ଟି ଦୀପ ଜଳାଇବା ଶୁଭ ହୋଇଥାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥାନ୍ତି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୧୫-୨୧, ୨୦୨୬

**ମେଷ**: ବନ୍ଧୁମିଳନ, କାର୍ଯ୍ୟସିଦ୍ଧି, ସାଂସ୍କୃତିକ କାର୍ଯ୍ୟକ୍ରମ, ପୁଅଝିଅଙ୍କ ସମ୍ପର୍କିତ ସମସ୍ୟା, ସହକର୍ମୀ ସହ ଝଗଡା, ବାଣିଜ୍ୟରେ ପ୍ରତିବନ୍ଧକ, ସଭାସମିତିକୁ ନିମନ୍ତ୍ରଣ, ଋଣ ପରିଶୋଧ ଚିନ୍ତା, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ଧର୍ମକାର୍ଯ୍ୟ କରିବେ।

**ବୃଷ**: ଶାରିରୀକ ଅସୁସ୍ଥତା, ଜମିଜମା କ୍ରୟବିକ୍ରୟ, ଯାନ୍ତ୍ରିକ ଜିନିଷର ମରାମତି, ଅର୍ଥସଂକଟରୁ ଦୁଃଶ୍ଚିନ୍ତା, ପାରିବାରିକ ବିବାଦ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ରାଜନୈତିକ ପୃଷ୍ଠପୋଷକତା, ସନ୍ତାନଙ୍କ କୃତି ଓ କୃତିତ୍ୱ, ମାନସିକ ଦ୍ୱନ୍ଦ୍ୱର ଅବସାନ॥

**ମିଥୁନ**: ପାରିବାରିକ ଶାନ୍ତି, ମାଙ୍ଗଳିକ କାର୍ଯ୍ୟର ଆଲୋଚନା, ବନ୍ଧୁମାନଙ୍କ ପରାମର୍ଶ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ମକଦ୍ଦମାରେ ବାଇଦା, କ୍ରନିକ୍ ରୋଗରେ ପୀଡ଼ା, ବ୍ୟବସାୟିକ ସଫଳତା, ସାହିତ୍ୟାନୁରାଗ, ମନୋରଞ୍ଜନ କାର୍ଯ୍ୟରେ ରୁଚି॥

**କର୍କଟ**: ମାନସିକ ଅସ୍ଥିରତା, ପ୍ରତିକୂଳ ପରିସ୍ଥିତିର ସାମନା, ଅଜୀର୍ଣ୍ଣପୀଡ଼ାରୁ କଷ୍ଟ, ଆର୍ଥିକ ଦୁରବସ୍ଥା, ବନ୍ଧୁଙ୍କ ପ୍ରତାରଣା, ସଭାସମିତିକୁ ନିମନ୍ତ୍ରଣ, ସ୍ତ୍ରୀଙ୍କ ପରାମର୍ଶ, ଆଧ୍ୟାତ୍ମିକତାରେ ଆଗ୍ରହ॥

**ସିଂହ**: ଶାରୀରିକ ସୁସ୍ଥତା, ଅପବ୍ୟୟ ହେବ, ପ୍ରତିଯୋଗିତାରେ ସଫଳତା, ପଡୋଶୀଙ୍କ ସହଯୋଗ, ଯାନ୍ତ୍ରିକ ଜିନିଷକ୍ରୟ, ଚାକିରୀ ଅଫର୍ ପାଇପାରନ୍ତି, ଅନୁକୂଳ ପରିବେଶ ସୃଷ୍ଟି, ମାଙ୍ଗଳିକ ଉତ୍ସବର ପ୍ରସ୍ତୁତି, ଭ୍ରମଣ ସୁଯୋଗ ପାଇବେ, ସମସ୍ୟା ସମାଧାନ॥

**କନ୍ୟା**: ନୂତନ ଯୋଜନାରମ୍ଭ, ଖର୍ଚ୍ଚ ପରିମାଣ ବୃଦ୍ଧି, ସମ୍ପର୍କୀୟଙ୍କ ହତାଦର, ପାରିବାରିକ ଆଲୋଚନା, ବନ୍ଧୁଙ୍କ ଭୁଲ୍ ବୁଝାମଣା, ଋଣଗ୍ରସ୍ତ ହୋଇପାରନ୍ତି, ସନ୍ତାନହେତୁକ ଗର୍ବଗୌରବ, ନୂଆ ସମ୍ପର୍କ ଯୋଡିବେ, ପରିସ୍ଥିତି ସୁଧୁରି ଯିବ, ଭୁଲ୍‌ଖବରରୁ ବିସ୍ମୟ॥

**ତୁଳା**: ପ୍ରତାରଣା ଜନିତ କଷ୍ଟ, ମାନସିକ ସନ୍ତୁଳନ ହରାଇବେ, ମିଥ୍ୟା ଗୁଜବରୁ ଆତଙ୍କ, ଅର୍ଥ ସମ୍ପର୍କରୁ ବିବାଦ, ଦେବାର୍ଚ୍ଚନାର ସୁଯୋଗ, ପିଲାଙ୍କ ସ୍ୱାସ୍ଥ୍ୟହାନି, ଉଚ୍ଚ କର୍ତ୍ତୃପକ୍ଷଙ୍କ ଚାପ, ଆନୁଷ୍ଠାନିକ ଆମନ୍ତ୍ରଣ, ପ୍ରଶଂସନୀୟ କାମ କରିବେ, ସାହିତ୍ୟାନୁରାଗ॥

**ବିଛା**: କାର୍ଯ୍ୟସିଦ୍ଧିରୁ ଆନନ୍ଦ, ବୈଷୟିକ ଅଭିବୃଦ୍ଧି, ପଡୋଶୀଙ୍କ ପରାମର୍ଶ, କ୍ରୀଡାଅଭିନୟରୁ ପ୍ରଶଂସା, ଜରୁରି କାର୍ଯ୍ୟରେ ଦୂରଯାତ୍ରା, ବନ୍ଧୁଙ୍କ କାଳକ୍ଷେପଣ ନୀତି, ବିବାଦୀୟ ଘଟଣାରୁ ଦୁଃଶ୍ଚିନ୍ତା, ଗୃହସୀମାରେ କଳହ, ପ୍ରଗତିର ଶୀର୍ଷରେ ପହଞ୍ଚିବେ॥

**ଧନୁ**: ଜନକଲ୍ୟାଣ କର୍ମ, ଲୋକ ପ୍ରିୟତା ବୃଦ୍ଧି, ମୂଲ୍ୟବାନ୍ ଜିନିଷ କ୍ରୟ, ଠକାମିରେ ପଡିପାରନ୍ତି, ଦୂରଯାତ୍ରାର ଯୋଜନା, ନୂତନ କାମର ପରିକଳ୍ପନା, ବ୍ୟାଙ୍କ୍ ଲୋନ୍ କରିପାରନ୍ତି, ସରକାରୀ ସହାୟତା, ପାରିବାରିକ ସମସ୍ୟା॥

**ମକର**: ବନ୍ଧୁବତ୍ସଳ ହେବେ, ଆଦରଗୌରବ ମିଳିବ, ବନ୍ଧୁ ପାଖେଇ ଆସିପାରନ୍ତି, ସଭାସମିତିକୁ ଆହ୍ୱାନ, ଅର୍ଥ ଓ ସମ୍ମାନ ଲାଭ, ସନ୍ତାନ କୃତ ମାନସିକ ଆଘାତ, ପାରିବାରିକ ଅଶାନ୍ତି, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ଟେନସନ୍ କମିଯିବ॥

**କୁମ୍ଭ**: ମାନସିକ ଭାରସାମ୍ୟ ହରାଇପାରନ୍ତି, ଆର୍ଥିକ ପ୍ରଗତିରେ ପଥରୋଧ, ପିଲାମାନଙ୍କୁ ନେଇ ସମସ୍ୟା, ମନୋବଳ ବଢିବ, ନିର୍ମାଣର ଶେଷପର୍ଯ୍ୟାୟ, ରପ୍ତାନି କାରବାର ବୃଦ୍ଧି, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ନୃତ୍ୟସଙ୍ଗୀତରୁ ସମ୍ମାନ॥

**ମୀନ**: ଅପ୍ରିୟ ସତ୍ୟ କହିବାରୁ ବିବାଦ, ସାହିତ୍ୟ ସାମ୍ବାଦିକତାରୁ ପ୍ରଶଂସା, ସ୍ଥାନାନ୍ତର ଘଟିପାରେ, ପାରିବାରିକ ଦ୍ୱନ୍ଦ୍ୱ, ଗଠନମୂଳକ କାର୍ଯ୍ୟରୁ ପ୍ରଶଂସା, ପରିସ୍ଥିତିର ତାଡନାରେ ମନସ୍ତାପ, ଗୃହଜଞ୍ଜାଳ ବଢିବ, ସନ୍ତାନଙ୍କ ବିବାହ ପ୍ରସ୍ତାବର ଆଲୋଚନା॥

# ବେଲଗଛ ଲଗାଇଲେ କ'ଣ ହୁଏ ଶୁଭ!

ବେଲପତ୍ରକୁ ଭଗବାନ ଶିବଙ୍କର ତିନି ନେତ୍ରର ପ୍ରତୀକ ବୋଲି କୁହାଯାଇଥାଏ। ସେଥିପାଇଁ ତ ଏହି ପତ୍ର ମହାଦେବଙ୍କର ଅତି ପ୍ରିୟ। ମାନ୍ୟତା ରହିଛି, ଯେଉଁ ସ୍ଥାନରେ ବେଲଗଛଟିଏ ଥାଏ, ତାହା କାଶୀତୀର୍ଥସମ ପବିତ୍ର ତଥା ପୂଜନୀୟସ୍ଥଳ ପାଲଟିଯାଏ। ସେହିପରି ପବିତ୍ର ମନରେ ବେଲଗଛଟିଏ ଲଗାଇଲେ ଅନେକ ଶୁଭଫଳ ମିଳେ ବୋଲି ବିଶ୍ୱାସ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଅଗଣା କିମ୍ବା ବଗିଚାରେ ବେଲଗଛଟିଏ ଲଗାଇଲେ ନକାରାତ୍ମକ ଶକ୍ତି ନଷ୍ଟ ହୋଇ ସକାରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ। ଘରର ବାତାବରଣ ଶୁଦ୍ଧ ହେବା ସହ ଗୃହ କଳହରୁ ମୁକ୍ତି ମିଳେ। ସାପ କିମ୍ବା ଅନ୍ୟ ବିଷାକ୍ତ ଜୀବଜନ୍ତୁ ପାଖ ମାଡ଼ିବାର ସମ୍ଭାବନା ନଥାଏ। ବିଶେଷକରି ଘରର ଉତ୍ତର-ପଶ୍ଚିମ ଦିଗରେ ବେଲଗଛ ଲଗାଇଲେ ଯଶ ବଢ଼ିବା ସହ କରଜରୁ ଶୀଘ୍ର ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି। ଅନ୍ୟପକ୍ଷେ ଉତ୍ତର-ପୂର୍ବ ଦିଗରେ ବେଲଗଛ ଲଗାଇଲେ ସୁଖଶାନ୍ତି ବୃଦ୍ଧି ପାଉଥିବା ବେଳେ ବାସସ୍ଥାନର ଠିକ୍ ମଝି ଅଂଶରେ



ଲଗାଇଲେ, ଜୀବନରେ ମଧୁରତା ଆସିଥାଏ ବୋଲି ମାନ୍ୟତା ରହିଛି। ଏସବୁ ବ୍ୟତୀତ ଘର ଅଗଣାରେ ବେଲଗଛଟିଏ ଲଗାଇ ତାହାକୁ ନିୟମିତ ପୂଜା କଲେ ମାନସମ୍ମାନ ବଢ଼ିବା ସହ ସନ୍ତାନ ପ୍ରାପ୍ତିର ସୁଖ ମିଳିଥାଏ ବୋଲି ବିଶ୍ୱାସ ରହିଛି।

## ପାଠକୀୟ

* ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଶାରୀରିକ ଭାବେ ସକ୍ଷମ ହେବା ଯେତିକି ଜରୁରୀ ନୁହେଁ, ସେତିକି ଜରୁରୀ ମନୋବଳ ଦୃଢ଼ ହେବା, ଯାହା ପ୍ରମାଣ କରି ଦେଖାଇଛନ୍ତି କେତେଜଣ ଦୃଷ୍ଟିବାଧିତ। ତେଣୁ ଏଭଳି ଏକ ନିଆରା ବିଷୟବସ୍ତୁକୁ ନେଇ ପ୍ରସ୍ତୁତ 'ଏମାନେ ସକ୍ଷମ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ମନଛୁଆଁ ହୋଇଥିଲା।

**- ଜ୍ୟୋତ୍ସ୍ନାମୟୀ ଧଳ, ବାଲେଶ୍ୱର**

* ଶାରୀରିକ ଭାବେ ସକ୍ଷମ ଥାଇ ବି ଅନେକ ଲୋକ କାମକୁ ପଛାଇଯାଆନ୍ତି। ଅନ୍ୟ ଉପରେ ବୋଝ ହୁଅନ୍ତି। କିନ୍ତୁ ଏମିତି କିଛି ଦୃଷ୍ଟିବାଧିତ ମଣିଷ ଅଛନ୍ତି, ଯେଉଁମାନଙ୍କ ପାଇଁ ନିଜ ଶାରୀରିକ ଦୁର୍ବଳତା ତାଙ୍କ ଲକ୍ଷ୍ୟପଥର ସମସ୍ୟା ହୋଇନାହିଁ। ତେଣୁ ଏଭଳି ଏକ ପ୍ରେରଣାଦାୟୀ ବିଷୟକୁ ନେଇ ଉପସ୍ଥାପିତ 'ଏମାନେ ସକ୍ଷମ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ପଢିବାକୁ ଖୁବ୍ ଭଲ ଲାଗିଲା। 'ନେମ୍‌ପ୍ଲେଟ୍‌କୁ ନେଇ ବାସ୍ତୁ', 'ବାହାର କାନ୍ଥରେ କେଉଁ ରଙ୍ଗ ଲଗାଇବା ଶୁଭ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

**- ସଞ୍ଜୟ ପଣ୍ଡା, ରାୟଗଡ଼ା**

* 'ଦାମୀ ଗାଉନ୍' ଶୀର୍ଷକ ପାଠଟି ସତରେ ବେଶ୍ ଅଜବ ଲାଗୁଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଗାଳ୍ପିକ, ନାଟ୍ୟକାର, ସଂଳାପ ଲେଖକ ତଥା ଗୀତି-କବି ରାଜା ଅର୍ଦ୍ଧେନ୍ଦୁ ଶେଖର ମହାନ୍ତିଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଶକ୍ତି' ଶୀର୍ଷକ ଗପଟି ବି ଖୁବ୍ ମନଛୁଆଁ ହୋଇଥିଲା।

**- ରାଧାମୋହନ ପାଣିଗ୍ରାହୀ, ସୁନ୍ଦରଗଡ଼**

* ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଦୃଢ଼ମନା ଐଶ୍ୱର୍ଯ୍ୟା, ଅନୁତାପ କରୁଛନ୍ତି ଅଜୟ, ସାରାଙ୍କ କମେଡ଼ି ନିଶା ଆଦି ପାଠର ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର ଥିଲା। ଲେଖିକା ମୌସୁମୀ ଦାସଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ହୋଇଥିଲା।

**- ଶଶୀରେଖା ପ୍ରଧାନ, ବଲାଙ୍ଗୀର**

* ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଭେଲ୍‌ଭେଟ୍ ଟପ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। 'ଖଣ୍ଡଗିରି-ଉଦୟଗିରି' ଶୀର୍ଷକ ପାଠଟି ବି ତଥ୍ୟପୂର୍ଣ୍ଣ ଥିଲା। 'ଉଦୟପୁରକୁ ହ୍ୱାଇଟ୍ ସିଟି କାହିଁକି କୁହାଯାଏ', ସେ ସମ୍ପର୍କରେ ବିବିଧ ପୃଷ୍ଠାରୁ ପଢ଼ି ଖୁସି ଲାଗିଲା।

**- ଭବାନୀ ଦାଶ, ମୟୂରଭଞ୍ଜ**

* ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଆତ୍ମସ୍ତୁତି ବନାମ ଆତ୍ମସ୍ତୁତି' ଶୀର୍ଷକ ପାଠଟି ପଢ଼ି ବହୁ ଉପାଦେୟ କଥା ଜାଣିହେଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ପୋକକୁ ଖାଆନ୍ତି ମିକ୍ସଚର ଭଳି', 'ଆଠଫୁଟିଆ ମଣିଷ', 'କେଶ ସମସ୍ୟା ଥିଲେ ଯାଆନ୍ତୁ ଏହି ମନ୍ଦିର' ଆଦି ପାଠଗୁଡ଼ିକ ଆଶ୍ଚର୍ଯ୍ୟକର ସହ ମଜାଦାର୍ ବି ଥିଲା।

**- ପୁନିତ୍ ଚୌଧୁରୀ, ଭଦ୍ରକ**




### ବିଶେଷ ଚିଠି

'ଏମାନେ ସକ୍ଷମ' ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ବାର୍ତ୍ତା ବି ସେମିତି।
ଦାମୀ ଗାଉନ୍ ବି ଥିଲା
ଭାରି ବଢ଼ିଆ,
ମନ କିଣି ନେଉଥିଲା ପୁଣି
ତୁମ ସୃଜନର ଦୁନିଆ।
ସତରେ ହେ ପ୍ରିୟ ଛୁଟିଦିନ
ତୁମ ସିନେମା, ସାଥୀ ଓ ଅନ୍ୟାନ୍ୟ ପୃଷ୍ଠା
ଲାଗେ ଭାରି ନୂତନ।

**- ପରେଶ ମାଝି, ସମ୍ବଲପୁର**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ରୁଦ୍ରାକ୍ଷ

**ହିନ୍ଦୁଧର୍ମ, ବିଶେଷକରି ଶୈବ ସଂସ୍କୃତିରେ ରୁଦ୍ରାକ୍ଷର ସ୍ଥାନ ସ୍ୱତନ୍ତ୍ର। କେବଳ ଧାର୍ମିକ ଭାବନା ନୁହେଁ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଏହାର ଅବଦାନ ଅନେକ...**

ହିନ୍ଦୁମାନଙ୍କ ଧାର୍ମିକ ଭାବନା ସହିତ ଜଡ଼ିତ ରୁଦ୍ରାକ୍ଷ। ଶିବ ଉପାସନା କହିଲେ ପ୍ରଥମେ ଆଖିଆଗକୁ ଆସିଯାଏ ରୁଦ୍ରାକ୍ଷ ମାଳା ବିଭୂଷିତ ମହାଯୋଗୀ ମହେଶ୍ୱରଙ୍କ ଶାନ୍ତ ମୂର୍ତ୍ତି। କାହିଁ କେଉଁ ଅନାଦି କାଳରୁ ଯୋଗୀ ମୁନି ଋଷିମାନେ ରୁଦ୍ରାକ୍ଷକୁ ବ୍ୟବହାର କରିଆସୁଛନ୍ତି ନିଜର ଆତ୍ମଶୁଦ୍ଧି ପାଇଁ, ମାନସିକ ଶାନ୍ତି ଓ ଶକ୍ତି ବୃଦ୍ଧି କରିବା ଲାଗି। ସେଥିପାଇଁ ସେମାନଙ୍କ ଗଳାରେ, ବାହୁରେ, ଜଟାଜୁଟରେ ଶୋଭା ପାଉଛି ଅସଂଖ୍ୟ ରୁଦ୍ରାକ୍ଷର ମାଳା।

ଏ ସମ୍ପର୍କରେ ଲେଖିକା **ସୁଷମା ପରିଜା** କୁହନ୍ତି, 'ରୁଦ୍ରାକ୍ଷ ହେଉଛି ଏକ ସଂସ୍କୃତ ଶବ୍ଦ ( ରୁଦ୍ର+ ଅକ୍ଷ) ଅର୍ଥାତ୍ ରୁଦ୍ରଙ୍କର ଆଖି। ଆଉ କେହି କେହି ଏହାକୁ ରୁଦ୍ରଙ୍କର ଅଶ୍ରୁ ମଧ୍ୟ କହିଥାନ୍ତି। ଏହି ସମ୍ବନ୍ଧରେ ଶିବ ପୁରାଣରେ ଅନେକ କିମ୍ବଦନ୍ତୀ ରହିଛି। କେହି କେହି କହନ୍ତି ତ୍ରିପୁରାସୁର ନାମକ ଏକ ରାକ୍ଷସର ଅତ୍ୟାଚାରରେ ଅତିଷ୍ଠ ହୋଇ ଦେବତାମାନେ ଦେବ ଦେବ ମହାଦେବଙ୍କୁ ପ୍ରାର୍ଥନା କଲେ ଅସୁରକୁ ବଧ କରି ସୃଷ୍ଟି ରକ୍ଷା କରିବା ପାଇଁ। ଅଘୋର ତପ କରି ମହାଦେବ ତାଙ୍କର ତ୍ରିଶୂଳରେ ତ୍ରିପୁରାସୁରକୁ ବଧ କରିଥିଲେ। ସେହି ସମୟରେ ମହାଦେବଙ୍କ ଚକ୍ଷୁରୁ ଅଶ୍ରୁ ନିଗିଡ଼ି ପଡ଼ିଥିଲା ପୃଥିବୀ ପୃଷ୍ଠରେ। ସେହି ଅଶ୍ରୁ ଜଳରୁ ସୃଷ୍ଟି ହୋଇଥିଲା ରୁଦ୍ରାକ୍ଷ ।
ଆଉ କେହି କେହି କହନ୍ତି ଯେ, ପ୍ରଚଣ୍ଡ କ୍ରୋଧାନ୍ୱିତ ଶିବ ଦକ୍ଷଯଜ୍ଞରେ ଆତ୍ମାହୁତି ଦେଇଥିବା ଦେବୀ ସତୀଙ୍କ ମୃତ ଶରୀରକୁ କାନ୍ଧରେ ପକାଇ ଉଦଣ୍ଡ ତାଣ୍ଡବ ନୃତ୍ୟ କରିବା ସମୟରେ ତାଙ୍କ ଆଖିରୁ ଯେଉଁ ଲୁହ ଝରି ପଡୁଥିଲା ତାହା ରୁଦ୍ରାକ୍ଷରେ ପରିଣତ ହୋଇଥିଲା। ଆଉ କେହି କେହି କହନ୍ତି, ଅନନ୍ତ କାଳ ଧରି ତପସ୍ୟାରତ ଶଙ୍କର ଯେତେବେଳେ ଯୋଗନିଦ୍ରା ଭାଙ୍ଗି ଆଖି ଖୋଲିଲେ, ପୃଥିବୀ ପୃଷ୍ଠରେ ମାନବମାନଙ୍କ ଦୁଃଖ ଦୁର୍ଦ୍ଦଶା ଦେଖି ତାଙ୍କର ଆତ୍ମା ଦୁଃଖରେ ଦ୍ରବୀଭୂତ ହୋଇ ଆଖିରୁ ଲୁହ ଗଡ଼ିପଡିଲା, ସେଇ ଲୁହ ବିନ୍ଦୁରୁ ସୃଷ୍ଟି ହେଲା ରୁଦ୍ରାକ୍ଷ ବୃକ୍ଷ। ରୁଦ୍ରାକ୍ଷ ଗୋଟିଏ ଛୋଟ ପଥର ଭଳି ଦିଶୁଥିଲେ ହେଁ ଏହା ପ୍ରକୃତରେ ଏକ ବୃହତ ବୃକ୍ଷର ଫଳର ମଞ୍ଜି। ଏହାର ଉଦ୍ଭିଦ ବିଜ୍ଞାନ ନାମ ଇଲାୟୋକାର୍ପସ ଗେନିଟ୍ରସ୍। ଏହି ବୃକ୍ଷର ତିନି ଶହରୁ ଅଧିକ ପ୍ରଜାତି ରହିଛି। ଏହି ବୃକ୍ଷଗୁଡିକ ସମୟେ ସମୟେ ଅଶୀ ଫୁଟରୁ ଅଧିକ ଉଚ୍ଚ ଏବଂ ଝଙ୍କାଳିଆ ହୋଇଥାଏ। ଏହି ରୁଦ୍ରାକ୍ଷ ବୃକ୍ଷଗୁଡିକ ମୁଖ୍ୟତଃ ଭାରତ, ନେପାଳ ଏବଂ ଇଣ୍ଡୋନେସିଆରେ ଦେଖାଯାଏ। ସବୁଠାରୁ ଅଧିକ ପ୍ରଜାତିର ଏବଂ ଛୋଟ ଛୋଟ ସୁନ୍ଦର ରୁଦ୍ରାକ୍ଷ ନେପାଳରେ ମିଳିଥାଏ। ବର୍ତ୍ତମାନ ଭାରତ ସରକାର ଉତ୍ତରାଖଣ୍ଡ, ତାମିଲନାଡୁ ରାଜ୍ୟର ଅନେକ ସ୍ଥାନରେ ରୁଦ୍ରାକ୍ଷ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରିଛନ୍ତି। ହରିୟାଣାର ଯମୁନା ନଗରରେ ୧୮୪ ଏକର ପରିମିତ ଅଞ୍ଚଳରେ ଚୌଧୁରୀ ଦେବୀ ଲାଲ ରୁଦ୍ରାକ୍ଷ ବାଟିକା ନାମରେ ବିଭିନ୍ନ ପ୍ରଜାତିର ରୁଦ୍ରାକ୍ଷ ସହ ଅନ୍ୟାନ୍ୟ ଆୟୁର୍ବେଦିକ ଔଷଧୀୟ ଗଛଲତାର ଉଦ୍ୟାନଟିଏ ତିଆରି କରିଛନ୍ତି। ଏଥିରେ ୪୦୦ ପ୍ରଜାତିର ବିରଳ ରୁଦ୍ରାକ୍ଷ ବୃକ୍ଷ ରହିଛି।

ହିମାଳୟ ପର୍ବତମାଳାର ପାଦଦେଶରେ ଥିବା ଅରଣ୍ୟ ମଧ୍ୟରେ ଅନେକ ରୁଦ୍ରାକ୍ଷ ବୃକ୍ଷ ଦେଖାଯାଏ। ଆକାଶିଆ ଭଳି ଲମ୍ବା ଝଙ୍କାଳିଆ ଗଛର ଡାଳରେ ବରକୋଳି ଭଳି ଅସଂଖ୍ୟ ଫଳ ଫଳିଥାଏ। ସେଗୁଡ଼ିକ ପାଚିଗଲେ ଆପେ ଆପେ ଝଡ଼ିଯାଏ। ତାହାକୁ ଖରାରେ ଶୁଖାଇ ରଖିବା ପରେ ବଜାରରେ ବିକ୍ରି କରାଯାଇଥାଏ। ବ୍ୟବହାର କରିବା ଲୋକ ସେସବୁକୁ କିଣି ଆଣି ତେଲରେ କିଛିଦିନ ବୁଡ଼ାଇ ରଖିଲେ ସେଗୁଡ଼ିକ ଚିକ୍କଣ ହୋଇଥାଏ ଏଂ ମଞ୍ଜିର ଦନ୍ତରା ଧାରଗୁଡିକ ସ୍ପଷ୍ଟ ଦୃଶ୍ୟମାନ ହୁଏ। ସେହି ଶୁଖିଲା ମଞ୍ଜିର ମଝିରେ କଣାଟିଏ କରି ସେଗୁଡ଼ିକୁ ସୂତାରେ ଗୁନ୍ଥା ଯାଇ ମାଳା ତିଆରି କରାଯାଏ। ହିନ୍ଦୁ ଧର୍ମରେ ସାଧାରଣତଃ ୧୦୮ ସଂଖ୍ୟାର ଜପାମାଳି ବ୍ୟବହୃତ ହେଉଥିଲେ ମଧ୍ୟ ଏହାଠାରୁ କମ୍ କିମ୍ବା ଅଧିକ ସଂଖ୍ୟକ ମଞ୍ଜିର ମାଳାକୁ ଆଭୂଷଣ ରୂପେ ବ୍ୟବହାର କରାଯାଏ। ରୁଦ୍ରାକ୍ଷର ଆକାର, ଧାର ଏବଂ ଛିଦ୍ରଗୁଡିକ ମଧ୍ୟ ସମାନ ସଂଖ୍ୟକ ନ ଥାଏ। ଏହା ଏକ, ପାଞ୍ଚ, ସାତ,ନଅରୁ ଏକୋଇଶ ସଂଖ୍ୟକ ମଧ୍ୟ ହୋଇଥାଏ। ଏହି ଧାର ଏବଂ ଛିଦ୍ରକୁ ମୁଖ ବୋଲି କୁହାଯାଏ। ତେବେ ଏକ ମୁଖୀ ରୁଦ୍ରାକ୍ଷ ଖୁବ୍ ବିରଳ ପ୍ରଜାତିର, ତେଣୁ ଏହା ବେଶ୍ ମୂଲ୍ୟବାନ ହୋଇଥାଏ। ଏହାକୁ ଔଷଧ, ଆଭୂଷଣ ଏବଂ ଧର୍ମକାର୍ଯ୍ୟରେ ବ୍ୟବହାର କରାଯାଏ। ବୈବାହିକ ଜୀବନ ସୁଖମୟ ହେବା ପାଇଁ ଦ୍ୱିମୁଖୀ ରୁଦ୍ରାକ୍ଷ, ହନୁମାନ ଭକ୍ତମାନଙ୍କ ପାଇଁ ପଞ୍ଚମୁଖୀ ରୁଦ୍ରାକ୍ଷ, ମୋକ୍ଷ ପ୍ରାପ୍ତି ପାଇଁ ଏକାଦଶ ମୁଖୀ ରୁଦ୍ରାକ୍ଷ, ବିଦ୍ୟା ପ୍ରାପ୍ତି ପାଇଁ ଗଣେଶ ପେଟ ଆକୃତିର ରୁଦ୍ରାକ୍ଷ ବ୍ୟବହାର କରାଯାଏ। ସେହିପରି ଯାଆଁଳା ରୁଦ୍ରାକ୍ଷର ମଧ୍ୟ ଖୁବ୍ ମହତ୍ତ୍ୱ ରହିଛି ଏହାକୁ 'ହରଗୌରୀ' ରୁଦ୍ରାକ୍ଷ କୁହାଯାଏ। ତିନୋଟି ମୁଖ ଥିବା ରୁଦ୍ରାକ୍ଷକୁ ତ୍ରିଜୁଟି କୁହାଯାଏ ଏବଂ ଏହାର ମଧ୍ୟ ଖୁବ୍ ଆଦର ରହିଛି। ରୁଦ୍ରାକ୍ଷ ମାଳା ଜପ କଲେ କିମ୍ବା ଏହାକୁ ଅଳଙ୍କାର କରି ଧାରଣ କଲେ ମଣିଷ ମନରୁ କାମ, କ୍ରୋଧ, ମୋହ, ଭୟ ଦୁଃଖ ଦୂର ହୋଇଥାଏ। ମଣିଷକୁ ଏକାଗ୍ରତା,ଐଶୀଶକ୍ତି ଓ ମାନସିକ ଶାନ୍ତି ମିଳିଥାଏ ।'

**ରୁଦ୍ରାକ୍ଷ ମାହାତ୍ମ୍ୟ**– ବିଭିନ୍ନ ବୃକ୍ଷରାଜି ମଧ୍ୟରେ ଭିନ୍ନ ଭିନ୍ନ ଗୁଣ ରହିଛି। ମାନବର ସୁସ୍ଥ ଶରୀର ଧାରଣ ପାଇଁ ଅନେକ ପ୍ରକାର ଉପାୟ ରହିଥିଲେ ମଧ୍ୟ ଶରୀରରେ ନାନାପ୍ରକାର ମାଳା, ଧାତୁ ଓ ବନସ୍ପତି ଧାରଣ କରିବା ପାଇଁ ବିଭିନ୍ନ ବୈଦିକ ଶାସ୍ତ୍ରରେ ଉଲ୍ଲେଖ ଅଛି। ସେଥିମଧ୍ୟରୁ ମାଳାଧାରଣ ଶ୍ରେଷ୍ଠ ଓ ସହଜ। **ଡ. ଚନ୍ଦ୍ରଶେଖର ଦାଶ** କୁହନ୍ତି–ମୁନି ଋଷିଗଣ ସାଧାରଣତଃ ତୁଳସୀ ଓ ରୁଦ୍ରାକ୍ଷ ମାଳାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ତ୍ରିପୁରାସୁର ବଧ ସମୟରେ ଯୋଗନିଦ୍ରାରୁ ଦେବଦେବ ମହାଦେବ ନିଜର ଚକ୍ଷୁ ନିମିଳିତ କରିଥିବା ମୁହୂର୍ତ୍ତରେ କିଛି ଅଶ୍ରୁ ନିର୍ଗତ ହୋଇଥିଲା। ସେହି ଅଶ୍ରୁବିନ୍ଦୁରୁ ମହାରୁଦ୍ରାକ୍ଷ ସୃଷ୍ଟି ହୋଇଥିବା କଥା ପୁରାଣରେ ବର୍ଣ୍ଣିତ ଅଛି।

ରୁଦ୍ରାକ୍ଷ ଚଉଦ ପ୍ରକାରର। ପୁନଶ୍ଚ ଶିବଙ୍କର ତ୍ରିନେତ୍ର ଯଥା–ସୋମ(ଚନ୍ଦ୍ର)ନେତ୍ରରୁ

→





ଶ୍ୱେତ ବର୍ଣ୍ଣର, ସୂର୍ଯ୍ୟନେତ୍ର (ରକ୍ତବର୍ଣ୍ଣର) ଓ ଅଗ୍ନିନେତ୍ରରୁ କଳାରଙ୍ଗର ରୁଦ୍ରାକ୍ଷ ସୃଷ୍ଟି ହୋଇଅଛି। ଏକମୁଖୀଠାରୁ ଚଉଦମୁଖୀ ବିଶିଷ୍ଟ ରୁଦ୍ରାକ୍ଷର ମାହାତ୍ମ୍ୟ ଅତ୍ୟନ୍ତ ରହସ୍ୟମୟ। ଏକମୁଖୀ–ରୁଦ୍ର, ଦ୍ୱିମୁଖୀ–ଗୌରୀ ଶଙ୍କର, ତ୍ରିମୁଖୀ– ଅଗ୍ନିଦେବତା, ଚତୁର୍ମୁଖୀ–ବ୍ରହ୍ମା, ପଞ୍ଚମୁଖୀ–କାଳାଗ୍ନି, ଷଷ୍ଠମୁଖୀ–କାର୍ତ୍ତିକେୟ, ସପ୍ତମୁଖୀ–ଅନଙ୍ଗ, ଅଷ୍ଟମୁଖୀ–ଗଣେଶ, ନବମୁଖୀ– ଭୈରବ, ଦଶମୁଖୀ– ବିଷ୍ଣୁ, ଏକାଦଶମୁଖୀ–ଶିବ, ଦ୍ୱାଦଶମୁଖୀ–ଆଦିତ୍ୟ, ତ୍ରୟୋଦଶମୁଖୀ–ସ୍କନ୍ଦ, ଚତୁର୍ଦ୍ଦଶମୁଖୀ–ନୀଳକଣ୍ଠଙ୍କର ସାକ୍ଷାତ ସ୍ୱରୂପ ବୋଲି କଥିତ। ସର୍ବନିମ୍ନ ଛବିଶଟି ରୁଦ୍ରାକ୍ଷ ମାଳା ଶିରରେ, ପଚାଶଟି ରୁଦ୍ରାକ୍ଷ ମାଳା ଗଳାରେ, ଷୋହଳଟି ରୁଦ୍ରାକ୍ଷ ମାଳା ବାହୁରେ ଏବଂ ବାରଟି ରୁଦ୍ରାକ୍ଷ ମାଳା ମଣିବନ୍ଧରେ ଧାରଣ କରାଯିବାକୁ ଶିବ ପୁରାଣରେ ନିର୍ଦ୍ଦେଶ ଥିବାବେଳେ ଶିରଜଟା ମାଳାକୁ ଇଶାନ ମନ୍ତ୍ରରେ, କର୍ଣ୍ଣରେ ଧାରଣ କରୁଥିବା ସ୍ଥାନ ତତ୍‌ପୁରୁଷ ମନ୍ତ୍ରରେ, ଗଳା ତଥା ହୃଦୟରେ ଧାରଣା କରୁଥିବା ରୁଦ୍ରାକ୍ଷକୁ ଅଘୋର ମନ୍ତ୍ରରେ ଏବଂ ମଣିବନ୍ଧରେ ଧାରଣ କରୁଥିବା ମାଳାକୁ ପଞ୍ଚାକ୍ଷର ମନ୍ତ୍ରରେ ଉତ୍ତକୀଳନ ତଥା ପୂଜନ କରି ପାର୍ଥିବ ଶିବଲିଙ୍ଗରେ ସ୍ପର୍ଶ କରି ଧାରଣ କରିବା ଉଚିତ। ଏହାଛଡ଼ା ଜପମାଳା ଭାବରେ ୧୦୮ଟି ରୁଦ୍ରାକ୍ଷ ଥିବା ମାଳା ଶ୍ରେଷ୍ଠ। ଅଁଳାଫଳ ଆକାର ରୁଦ୍ରାକ୍ଷ ଉତ୍ତମ, ବରକୋଳି ଆକାର ରୁଦ୍ରାକ୍ଷ ମଧ୍ୟମ ଓ ବୁଟଚଣା ସମାନ ରୁଦ୍ରାକ୍ଷ ଅଧମ ମାଳା ବୋଲି ବର୍ଣ୍ଣିତ ହୋଇଥିଲେ ହେଁ ପ୍ରତ୍ୟେକର ଗୁଣ ରହିଛି। ସମାନ ଆକାରର ଦୃଢ଼, କଣ୍ଟକିତ ରୁଦ୍ରାକ୍ଷ ଶୁଭ ପ୍ରତୀକ ହୋଇ ଥିବାବେଳେ କୃମିଦୃଷ୍ଟ, ଛିନ୍ନଭିନ୍ନ, ଚିକ୍କଣ ରୁଦ୍ରାକ୍ଷ ବର୍ଜନ କରିବା ଆବଶ୍ୟକ। ଯେଉଁ ରୁଦ୍ରାକ୍ଷରେ ସ୍ୱୟଂ ଛିଦ୍ର ଥିବ ତାହା ଶ୍ରେଷ୍ଠ। ରେଶମ ସୂତ୍ର କିମ୍ବା କୁମାରୀମାନଙ୍କ ଦ୍ୱାରା ତୁଳା ପ୍ରସ୍ତୁତ ସୂତ୍ର, ରୁପା, ସୁନା କିମ୍ବା ତମ୍ବା ଆଦି ଧାତୁ ଦ୍ୱାରା ଗୁନ୍ଥାମାଳା ପିନ୍ଧିବା ଯୋଗ୍ୟ। ଉଚ୍ଚ ଓ ନିମ୍ନ ରକ୍ତଚାପ, ଅପସ୍ମାର, ହୃଦ୍‌ରୋଗ, ମାନସିକ ରୋଗ, ସ୍ତ୍ରୀରୋଗ ତଥା ଫୁସ୍‌ଫୁସ୍‌ଜନିତ ରୋଗ ରୁଦ୍ରାକ୍ଷମାଳା ବିଧିମତେ ଜ୍ୟୋତିଷ ଏବଂ ଚିକିତ୍ସକଙ୍କ ମତରେ ରୁଦ୍ରାକ୍ଷକୁ ବିଧି ଅନୁସାରେ ଧାରଣ କଲେ ଅଦ୍ଭୁତ ଭାବରେ ରୋଗର ଶକ୍ତି ହ୍ରାସ ପାଇଥାଏ। ରୁଦ୍ରାକ୍ଷକୁ ସର୍ବରୋଗହାରୀ ବୋଲି କୁହାଯାଇଛି। ଏବେ ଦୁରାରୋଗ୍ୟ ବ୍ୟାଧିରୁ ଉପଶମ ପାଇଁ ବି ଧାରଣ କରିବା ନିମନ୍ତେ ରୁଦ୍ରାକ୍ଷ ବିଧିକୁ ଜାଣି ଧାରଣ କରାଯାଇଥାଏ। ରୁଦ୍ରାକ୍ଷ ଧାରଣ କଲେ ମଦ୍ୟ, ଆମିଷ, ପିଆଜ, ରସୁଣ ଭକ୍ଷଣକୁ ପରିତ୍ୟାଗ କରିବା ଆବଶ୍ୟକ। ଗ୍ରହଣ, ପୂର୍ଣ୍ଣିମା, ମେଷ ସଂକ୍ରାନ୍ତି, ଅମାବାସ୍ୟା ବା ଅନ୍ୟ ବିଶେଷ ଦିନମାନଙ୍କରେ ମାଳା ଧାରଣ କରାଯାଇଥାଏ। ଦୁଇମୁଖୀଠାରୁ ପଞ୍ଚମୁଖୀ ପର୍ଯ୍ୟନ୍ତ ରୁଦ୍ରାକ୍ଷ ସହଜରେ ମିଳୁଥିବା ବେଳେ ଅନ୍ୟ ସମସ୍ତ ଖୋଜିବାରେ ସେତେ ସହଜ ହୋଇନଥାଏ। ରୁଦ୍ରାକ୍ଷ ସାଧାରଣତଃ ପାଣିରେ ବୁଡ଼ି ଯାଇଥାଏ। ଦୁଇଟି ତମ୍ବା ପଇସାରେ ରୁଦ୍ରାକ୍ଷର ଦୁଇକ୍ଷେତ୍ରକୁ ରଖିଲେ ଯଦି ଗୋଟିଏ ଝଟକାରେ ଘୂରିଯାଇ ଦିଗ ପରିବର୍ତ୍ତନ କରେ, ତାହା ଶୁଦ୍ଧ ରୁଦ୍ରାକ୍ଷ ଭାବରେ ଜଣାଯାଇଥାଏ। ଶିବ ମହାପୁରାଣ, ସ୍କନ୍ଦ ପୁରାଣ, ଜାବଳ ସଂହିତା, ରୁଦ୍ରତତ୍ତ୍ୱ, ବିଦ୍ୟୋଶ୍ୱର ସଂହିତା, ଗରୁଡ଼ ପୁରାଣ ପ୍ରଭୃତି ଶାସ୍ତ୍ରରେ ସବିଶେଷ ବର୍ଣ୍ଣନା ରହିଅଛି। ଶିବରାତ୍ରିରେ ପୂଜନ ପୂର୍ବକ ରୁଦ୍ରାକ୍ଷ ଧାରଣ କଲେ ଅତ୍ୟନ୍ତ ଫଳପ୍ରଦ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

**ନେପାଳ ନରେଶଙ୍କ ମହାପ୍ରଭୁଙ୍କୁ ରୁଦ୍ରାକ୍ଷ ସମର୍ପଣ–** ଆକାଶବାଣୀର ତତ୍କାଳୀନ **ଅନୁଚିନ୍ତା ଉଦ୍‌ଘୋଷକ ଶଂକର୍ଷଣ ମଙ୍ଗରାଜ** କୁହନ୍ତି, 'ରୁଦ୍ରାକ୍ଷ ମହାଦେବଙ୍କର ଅତିପ୍ରିୟ। ତାଙ୍କ ଶରୀରରେ ରୁଦ୍ରାକ୍ଷମାଳା ଶୋଭାପାଏ। ତାଙ୍କ ଭକ୍ତମାନେ ଶିବଙ୍କୁ ସମର୍ପଣକରି ଏହାକୁ ଗ୍ରହଣ କରିଥାନ୍ତି। ନେପାଳ ନରେଶ ପୁରୀ ଆସିଲେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ରତ୍ନସିଂହାସନରେ ମାଳା ସମର୍ପଣ କରିବାର ଅଧିକାର ରହିଛି। ଏକମୁଖୀ ରୁଦ୍ରାକ୍ଷ ସହଜରେ ମିଳି ନ ଥାଏ। ପଞ୍ଚମୁଖୀ ରୁଦ୍ରାକ୍ଷର ମାଳାକୁ ଭକ୍ତମାନେ ଗଳାରେ କିମ୍ବା ହାତରେ ଲଗାଇଥାନ୍ତି। ଗ୍ରହ ଶାନ୍ତି ଲାଗି ବିଭିନ୍ନମୁଖୀ ରୁଦ୍ରାକ୍ଷ ବ୍ୟବହାର କରିବା ପାଇଁ ଜ୍ୟୋତିର୍ବିଦ୍‌ମାନେ ପରାମର୍ଶ ଦେଇଥାନ୍ତି।

**ରୁଦ୍ର ମହାଯଜ୍ଞ–** ଦେବଦେବ ମହାଦେବଙ୍କ ମହିମା ଅପାର। ତେବେ ସମାଜ କଲ୍ୟାଣ ଲାଗି ବିଭିନ୍ନ ସ୍ଥାନର ଶୈବପୀଠରେ ଯଜ୍ଞ ହେଉଥିବାବେଳେ ଖୋର୍ଦ୍ଧା ଜିଲାର ଚିଲିକା ବ୍ଲକ ଅଧୀନ ହରିପୁର ଗ୍ରାମରେ ଜଗତ କଲ୍ୟାଣ ଲାଗି ପଶ୍ଚିମାଭିମୁଖୀ ଶମ୍ଭୁ ଶ୍ରୀଶ୍ରୀ ପ୍ରତାପେଶ୍ୱର ଦେବଙ୍କ ପବିତ୍ର ପୀଠରେ ୨୦୦୦ ମସିହାଠାରୁ ପ୍ରତିବର୍ଷ ଜ୍ୟେଷ୍ଠ କୃଷ୍ଣପକ୍ଷ ନବମୀ ତିଥିରେ ଏକାଧିକ ଶମ୍ଭୁମିଳନ ଏବଂ ରୁଦ୍ର ମହାଯଜ୍ଞ ଆୟୋଜନ ହୋଇଥାଏ। ନବମୀ ତିଥିରେ ଅଙ୍କୁରାପଣ ବିଧାନ, ଦଶମୀ ତିଥିରେ ଜଳଯାତ୍ରା, ଦ୍ୱାଦଶ ଓ ତ୍ରୟୋଦଶୀ ତିଥିରେ ଅଭିଷେକ, ଚତୁର୍ଦ୍ଦଶୀ ତିଥିରେ କ୍ଷୀରଦହି, ଘିଅ, ମହୁ ଓ ଆଖୁରସରେ ପ୍ରଭୁ ପଞ୍ଚାଭିଷେକ ହୋଇଥା'ନ୍ତି। ପୂର୍ବରୁ ରୁଦ୍ରସେବକମାନେ ଗଳାରେ ରୁଦ୍ରାକ୍ଷ ମାଳା ପକାଇଥିବାବେଳେ, ମନ୍ତ୍ରପାଠ କରି ତ୍ରିଶାଖା ବେଲପତ୍ରରେ ଅଶ୍ୱଗନ୍ଧାରେ ଶ୍ରୀରାମଙ୍କ ନାମ ଲେଖାଥିବା ପ୍ରାୟ ୫ଲକ୍ଷରୁ ଊର୍ଦ୍ଧ୍ୱ ତ୍ରିଶାଖା ବେଲପତ୍ର ସମର୍ପଣ କରାଯାଇଥାଏ। ସପ୍ତଦିନ ବ୍ୟାପୀ ଏହି ଯଜ୍ଞରେ ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ଆହୁତି କରାଯାଇଥାଏ।

**ରୁଦ୍ରାକ୍ଷ ମନରେ ଏକାଗ୍ରତା ଆଣେ–** ଆମ ଦେଶରେ ସ୍ପର୍ଶବିଦ୍ୟାର ଉପଯୋଗିତା ରହିଛି। ମନୁଷ୍ୟ ଈଶ୍ୱରଙ୍କୁ ଧ୍ୟାନମଗ୍ନ ବେଳେ ମନରେ ସ୍ଥିରତା ନିମନ୍ତେ କେତେକ ପଦ୍ଧତିକୁ ଗ୍ରହଣ କରିଥାଏ। ଯେପରି ମଥାରେ ଚନ୍ଦନଟିପା, ତିଳକ, କଣ୍ଠି ଓ ମାଳା। ସେହିପରି ବୈଦିକ ଶାସ୍ତ୍ରମତେ କେତେକ ବୃକ୍ଷରାଜିର ଫୁଲ, ଫଳ ଆଦି ଧାରଣ କରାଯାଇଥାଏ। **ବେଦଜ୍ଞ ପଣ୍ଡିତ ବୀରେନ୍ଦ୍ର ପଣ୍ଡା** କୁହନ୍ତି, ରୁଦ୍ରାକ୍ଷରେ ଏପରି ଶକ୍ତି ରହିଛି, ଯାହାର ସ୍ପର୍ଶରେ ଶରୀରରେ ଏକ ପ୍ରକାର ସ୍ପନ୍ଦନ ସୃଷ୍ଟି ହୋଇଥାଏ। କିନ୍ତୁ ରୁଦ୍ରାକ୍ଷ ପିନ୍ଧିବାର ସାଧାରଣ କଥା କହିଲେ ହୁଏତ କେହି ମାନିବେ ନାହିଁ। ରୁଦ୍ରାକ୍ଷ ଧାରଣର ସ୍ୱତନ୍ତ୍ର ବିଧି ଓ ତା'ର ଉପକାରିତା ଗୁଣ ସମ୍ପର୍କରେ ଆୟୁର୍ବେଦିକ ହେଉ କି ଶାସ୍ତ୍ରମତେ କେତେକ ନୀତିନିୟମ ରହିଛି। ରୁଦ୍ରାକ୍ଷଧାରୀ ଶିବ ମଙ୍ଗଳମୟ ଓ କଲ୍ୟାଣକାରୀ। ସେହିପରି ଶିବଙ୍କ ଭକ୍ତମାନେ ଈଶ୍ୱରଙ୍କ ଉପାସନା ବେଳେ ଏକାଗ୍ରତା ପାଇଁ ରୁଦ୍ରାକ୍ଷକୁ ଧାରଣ କରିଥା'ନ୍ତି। ସମାଜ କଲ୍ୟାଣ ଲାଗି ରୁଦ୍ରାକ୍ଷ ପିନ୍ଧିବାରେ ଯେଉଁ ଭାବନା ଉଦ୍ରେକ ହୁଏ, ତାହା ଦିବ୍ୟ ଆଧ୍ୟାତ୍ମିକ ଚେତନା ଲାଭ କରିବାରେ ସହାୟକ ହୋଇଥାଏ।

**ରୁଦ୍ରାକ୍ଷର ଔଷଧୀୟ ଗୁଣ:** ସାଧାରଣରେ ରୁଦ୍ରାକ୍ଷକୁ ଆଧ୍ୟାତ୍ମିକ ଭାବନା ଉଦ୍ଦେଶ୍ୟରେ ଧାରଣ କରିଥାନ୍ତି। ତେବେ ଏହାର ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। ଯାହା ସମ୍ପର୍କରେ **ଡାକ୍ତର ବାସୁଦେବ ପ୍ରଧାନ** କୁହନ୍ତି, 'ରୁଦ୍ରାକ୍ଷ ଏକ ଦେବଦୁର୍ଲଭ ବୃକ୍ଷ। ତା'ର ଫଳ, ଫୁଲ, ପତ୍ର ସବୁକିଛିରେ ଭରପୂର ଔଷଧୀୟ ଗୁଣ ରହିଛି। ଏହି ବୃକ୍ଷର ଫଳକୁ ମୁଖ୍ୟତଃ ଔଷଧଭାବେ ବ୍ୟବହାର କରାଯାଇଥାଏ। ରୁଦ୍ରାକ୍ଷକୁ ମୁଖ୍ୟତଃ ଦୁଇ ପ୍ରକାରରେ ପ୍ରୟୋଗ କରାଯାଇଥାଏ। ଗୋଟିଏ ହେଲା ମାଳାକରି ଧାରଣ କରିବା ଏବଂ ରୁଦ୍ରାକ୍ଷ ଫଳକୁ କେତେକ ରୋଗରୁ ଉପଶମ ଲାଗି ଔଷଧଭାବେ ଚୂର୍ଣ୍ଣ କରି ବ୍ୟବହାର କରାଯାଇଥାଏ। ବିଶେଷକରି ବସନ୍ତ ଋତୁରେ ବସନ୍ତ ଓ ମିଳିମିଳାକୁ ଦୂରେଇବା ପାଇଁ ଅନେକ ବ୍ୟକ୍ତି ରୁଦ୍ରାକ୍ଷକୁ ବାହୁରେ, ମଣିବନ୍ଧରେ ରୁଦ୍ରାକ୍ଷମାଳାକୁ ଧାରଣ କରିଥାନ୍ତି। ଏପରିକି ଚିକିତ୍ସକଙ୍କ ପରାମର୍ଶରେ ରୁଦ୍ରାକ୍ଷକୁ ଚୂର୍ଣ୍ଣ କରି ଦିନକୁ ତିନିଥର ସେବନକଲେ ବସନ୍ତ ଓ ମିଳିମିଳା କମିଥାଏ। ବସନ୍ତ ଋତୁରେ ଶରୀରରେ ପ୍ରତିଷେଧକଭାବେ ରୁଦ୍ରାକ୍ଷକୁ ବ୍ୟବହାର କରାଯାଇଥାଏ। ଦୁର୍ବଳ ସ୍ୱାସ୍ଥ୍ୟ, ସ୍ନାୟବିକ ଦୁର୍ବଳତା ପାଇଁ ତୁଳସୀ ମଞ୍ଜି ଓ ରୁଦ୍ରାକ୍ଷ ଚୂର୍ଣ୍ଣ କରି ସେବନ କରାଯାଇଥାଏ। ବିଶେଷକରି ମୂର୍ଚ୍ଛା, ଅପସ୍ମାରବାତ ଆଦି ସମସ୍ତ ପ୍ରକାର ମାନସିକ ରୋଗ ଓ ହୃଦ୍‌ରୋଗରୁ ଉପଶମ ମିଳିଥାଏ।

**– ବନବିହାରୀ ବେହେରା**



# ଟିଭି ପରଦାରେ ମହାଦେବ


ସମର ଜୟ ସିଂ


ଅମିତ ମେହରା


ରୋହିତ ବକ୍ସି

**ଟେଲିଭିଜନ ପରଦାରେ ଅନେକ ପୌରାଣିକ କାର୍ଯ୍ୟକ୍ରମ ପ୍ରସାରିତ ହୋଇଛି। ଆଉ ସେଥିରେ ନିଖୁଣ ଅଭିନୟ କରିଥିବା କଳାକାରଙ୍କୁ ଅନେକେ ନିଜ ମନରେ ବାସ୍ତବ ଦେବୀ ଦେବତାର ସ୍ଥାନ ବି ଦେଇଛନ୍ତି। ଏଇ ଯେମିତି କେତେଜଣ କଳାକାର ଯେଉଁମାନେ କି ଦେବ ଦେବ ମହାଦେବଙ୍କ ଭୂମିକାରେ ଅଭିନୟ କରିଥିଲେ ସେମାନେ ଏବେ ବି ମହାଦେବଙ୍କ ପରିଚୟରେ ପରିଚିତ ହୁଅନ୍ତି । ଆଉ ଏହି ପରିଚୟରେ ହିଁ ଏହି କଳାକାରମାନେ ନିଜ ଅଭିନୟ ଜୀବନର ସାର୍ଥକତା ମଣନ୍ତି...**

**ସମର ଜୟ ସିଂ:** ନବେ ଦଶକରେ ଅର୍ଥାତ୍ ୧୯୯୭ ମସିହାରେ ଦୂରଦର୍ଶନରେ ପ୍ରସାରିତ ଓ ଧୀରଜ କୁମାରଙ୍କ ନିର୍ଦ୍ଦେଶିତ ଲୋକପ୍ରିୟ ଶୋ' 'ଓଁ ନମଃ ଶିବାୟ'ରେ ଭଗବାନ ଶିବଙ୍କ ଭୂମିକାରେ ଅଭିନୟ କରିଥିଲେ ସମର ଜୟ ସିଂ। ତାଙ୍କର ଜୀବନ୍ତ ଅଭିନୟ ପାଇଁ ଲୋକେ ତାଙ୍କୁ ସତରେ ଭଗବାନ ଶିବ ଭାବି ନେଇଥିଲେ। ଆଉ ସମର ଘରେ ଘରେ ପରିଚିତ ହୋଇଯାଇଥିଲେ। ଏହାପରେ ସେ ସମ୍ରାଟ ଅଶୋକ, ରାମାୟଣରେ ବି କାମ କରିଥିଲେ। ହେଲେ ଶିବ ଭୂମିକା ହିଁ ତାଙ୍କୁ ସବୁଠୁ ବେଶି ପ୍ରସିଦ୍ଧି ଦେଇଥିଲା। ସମର ଆକ୍ଟିଂ କୋଚ୍ ବି । ମୁମ୍ବାଇରେ ତାଙ୍କର ଏକ ଆକ୍ଟିଂ ସ୍କୁଲ ଅଛି। ତାଙ୍କ ଇନଷ୍ଟିଚ୍ୟୁଟ୍‌ରୁ ଅନୁଷ୍କା ଶର୍ମା, କାର୍ତ୍ତିକ ଆର୍ଯ୍ୟନ ଆଦି ସିନେ ତାରକା ଅଭିନୟ ଶିଖିଛନ୍ତି।

**ମୋହିତ ରାଇନା:** ୨୦୧୧ରେ ପ୍ରସାରିତ ହୋଇଥିବା 'ଦେବୋଁ କେ ଦେବ ମହାଦେବ'ରେ ମୁଖ୍ୟ ଚରିତ୍ର ଅର୍ଥାତ୍ ଭଗବାନ ଶିବଙ୍କ ଭୂମିକାରେ ଅଭିନୟ କରିଥିଲେ ମୋହିତ ରାଇନା। ଏଥିପାଇଁ ସେ ନିଜ ଫିଜିକ୍‌ରେ ପରିବର୍ତ୍ତନ ଆଣିବା ସହ କଥକ ନୃତ୍ୟ ବି ଶିଖିଥିଲେ। ତାଙ୍କର ଫାବ୍ୟୁଲସ୍ ଆବ୍‌ସ, ସୁନ୍ଦର ହସ ଓ ଅଭିନୟର ଯାଦୁ ଦର୍ଶକଙ୍କ ମନ ଜିଣି ନେଇଥିଲା। ତିନିବର୍ଷ ଚାଲିଥିଲା ଏହି ଶୋ'। ଏବେ ବି ସମସ୍ତେ ମୋହିତଙ୍କୁ ମହାଦେବ ଭୂମିକା ପାଇଁ ହିଁ ଅଧିକ ଚିହ୍ନନ୍ତି।


**ତରୁଣ ଖାନ୍ନା:** 'ଦେବୋଁ କେ ଦେବ ମହାଦେବ' ସିରିୟଲରେ ମହାଦେବଙ୍କ ଭୂମିକା ପାଇଁ ଅଡିଶନ୍ ଦେଇଥିଲେ ତରୁଣ। ହେଲେ ଦୁର୍ଭାଗ୍ୟକୁ ସେଥିରେ ସିଲେକ୍ଟ ହୋଇ ପାରି ନ ଥିଲେ। ଫଳରେ ତାଙ୍କ ମନ ବହୁତ କଷ୍ଟ ହୋଇଥିଲା। ମହାଦେବଙ୍କୁ ଅଭିମାନରେ କହିଥିଲେ, 'ପ୍ରଭୁ ମୋର କେଉଁଥିରେ ଊଣା ରହିଗଲା ? ମୁଁ କାହିଁକି ରୋଲ୍‌ଟି ପାଇଲିନି ? ମହାଦେବ ତାଙ୍କ କଷ୍ଟ ବୁଝିପାରି ତାଙ୍କ ଉପରେ ଆଶିଷ ଢାଳି ଦେଇଥିଲେ। ଆଉ ତା'ପରେ ତାଙ୍କୁ ଲଗାତର ଭାବେ ଗୋଟେ ପରେ ଗୋଟେ ପୌରାଣିକ କାର୍ଯ୍ୟକ୍ରମ ଯେମିତିକି ସନ୍ତୋଷୀ ମା', କର୍ମଫଳଦାତା ଶନି, ରାଧାକ୍ରିଷ୍ଣ, ନମଃ, ଦେବୀ ଆଦି ପରାଶକ୍ତି, ଶ୍ରୀମଦ୍ ରାମାୟଣ ଆଦିରେ ମହାଦେବଙ୍କ ଭୂମିକା ମିଳିଲା। ତା'ସହ ତେଲୁଗୁ ଫିଲ୍ମ 'ଅଖଣ୍ଡ୨: ତାଣ୍ଡବମ୍' ଓ 'ହମାରେ ରାମ୍'ର ୩୯୦ଟି ଷ୍ଟେଜ୍ ପରଫର୍ମାନ୍ସରେ ସେ ଶିବ ଭୂମିକାରେ ଅଭିନୟ କଲେ। ଏବେ ପୁଣି ୧୭ ଥର ପାଇଁ ତରୁଣ ଆଣ୍ଡ ଟିଭିରେ 'ହେ ଭଗବାନ: କିତ୍‌ନା ବଦଲଗୟା ଇନ୍‌ଷାନ'ରେ ଶିବ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ତରୁଣ କୁହନ୍ତି, 'ଦେବ ଦେବ ମହାଦେବଙ୍କ ଭୂମିକା ଏତେଥର କରିବାର ସୁଯୋଗ ମିଳିବା ସଦାଶିବଙ୍କ ଆଶୀର୍ବାଦ ଛଡ଼ା ଆଉ କିଛି ନୁହେଁ। ଏଥିପାଇଁ ମୁଁ ନିଜକୁ ବହୁତ ଭାଗ୍ୟବାନ ମନେ କରେ।'

**ରୋହିତ ବକ୍ସି:** ୨୦୧୬ ମସିହାରେ ପ୍ରସାରିତ 'ସିୟା କେ ରାମ'ରେ ଭଗବାନ ଶିବଙ୍କ ଭୂମିକାରେ ଅଭିନୟ କରିଥିଲେ ରୋହିତ। ଏଥିରେ ସେ ମହାଦେବଙ୍କର ଶାନ୍ତ ସୌମ୍ୟ ଭୂମିକାକୁ ଏତେ ସୁନ୍ଦରଭାବେ ଢ଼ୁଲାଇ ଥିଲେ ଯେ, ଦର୍ଶକଙ୍କ ମନ ଜିଣିନେଇଥିଲେ। ପରେ 'ଶକ୍ତିପୀଠ କେ ଭୈରବ'ରେ ସେ ଢୁଲାଇଥିଲେ ମହାଦେବଙ୍କ ରୁଦ୍ର ରୂପ ଭୈରବର ଭୂମିକା। ରୋହିତ ନିଜେ ବି ଜଣେ ମହାଦେବଙ୍କ ଭକ୍ତ। ସେ କୁହନ୍ତି– ମହାଦେବଙ୍କ ଭୂମିକାରେ ଅଭିନୟ କରିବା ଯୋଗୁ ମୋ ଭିତରେ ଅସମ୍ଭବ ଶକ୍ତି ଜାଗ୍ରତ ହୋଇଥାଏ।

**ଅମିତ ମେହରା:** ୨୦୧୫, ସୋନି ଟେଲିଭିଜନରେ ପ୍ରସାରିତ 'ସଙ୍କଟମୋଚନ ମହାବଳୀ ହନୁମାନ' ରେ ମହାଦେବଙ୍କ ଭୂମିକାରେ ଅଭିନୟ କରି ଅମିତ ବେଶ୍ ପ୍ରଶଂସିତ ହୋଇଥିଲେ। ତାଙ୍କର ସିମ୍ପଲ ଓ କ୍ୟୁଟ୍ ହସ ସମସ୍ତଙ୍କ ହୃଦୟ ଚୋରି କରିନେଇଥିଲା।

**ହିମାଂଶୁ ସୋନି:** ଟିଭି ଶୋ' 'ନୀଲି ଛତରିୱାଲେ'ରେ ଭଗବାନ ଶିବଙ୍କ ଭୂମିକାରେ ଅଭିନୟ କରିଥିଲେ ହିମାଂଶୁ। ଏଥିରେ ଥିଲା ମହାଦେବଙ୍କର ଶାନ୍ତ, ସରଳ ଓ ଆଧୁନିକ ରୂପ, ଯିଏକି ସାଧାରଣ ମାନବର ମାର୍ଗ ଦର୍ଶନ କରୁଥିଲେ। ଏହି ଭୂମିକାକୁ ହିମାଂଶୁ ଖୁବ୍ ସୁନ୍ଦରଭାବେ ଫୁଟାଇପାରିଥିଲେ। ଦିବ୍ୟତା ସହ ସରଳତାର ଅଦ୍ଭୁତ ସଙ୍ଗମ ଥିଲା ଏହି ଚରିତ୍ରରେ।

**ସୌରଭ ରାଜ ଜୈନ:** ପୌରାଣିକ ସିରିୟଲ 'ମହାକାଲୀ–ଅନ୍ତ ହିଁ ଆରମ୍ଭ ହୈ'ରେ ମହାଦେଙ୍କ ଭୂମିକାରେ ଅଭିନୟ କରିଥିଲେ ସୌରଭ। ଏଥିରେ ତାଙ୍କର ଶାନ୍ତ କିନ୍ତୁ ଦମ୍‌ଦାର ସ୍କ୍ରିନ ପ୍ରେଜେନ୍ସକୁ ଲୋକେ ବହୁତ ପସନ୍ଦ କରିଥିଲେ। ତେବେ ସେ ମହାଭାରତରେ ଢୁଲାଇଥିବା ଭଗବାନ ଶ୍ରୀକୃଷ୍ଣଙ୍କ ଭୂମିକା ପାଇଁ ବେଶି ଲୋକପ୍ରିୟ।



ମୋହିତ ରାଇନା


ସୌରଭ ରାଜ ଜୈନ


ତରୁଣ ଖାନ୍ନା



# ଏବେ ବି ମୁଁ ମୋ ଶ୍ରେଷ୍ଠ ଲେଖା ସନ୍ଧାନରେ




ଏକାଧାରରେ ସେ ଜଣେ କବି, ଗୀତିକବି ଓ ଗାଳ୍ପିକ। ପ୍ରାୟ ୪ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ସେ ରଚନା କରିଛନ୍ତି ଶତାଧିକ ଭଜନ, କବିତା ଓ ଗୀତକବିତା । ତାଙ୍କର ସୃଜନଶୀଳତା ପାଇଁ ବିଭିନ୍ନ ଅନୁଷ୍ଠାନରୁ ତାଙ୍କୁ ମିଳିଛି ବହୁ ସମ୍ମାନ ଓ ପୁରସ୍କାର । ପେସାରେ ସେ ଜଣେ ଶିକ୍ଷାବିତ୍ କିନ୍ତୁ ନିଶା ତାଙ୍କର ସାହିତ୍ୟ ସାଧନା। ସେ ହେଲେ **ନିଶିକାନ୍ତ କହଲସିଂହ** । ଜନ୍ମ ୧୯୭୬ ମସିହା ଜୁଲାଇ ୧୧ରେ। ମାତା ବୀଣାପାଣି କହଲସିଂହ, ପିତା ଯମେଶ୍ୱର କହଲସିଂହ। ସେ କୁହନ୍ତି, 'ମୋ ଗାଁ ଖୋର୍ଦ୍ଧା ଜିଲାର ବେଗୁନିଆ ବ୍ଲକ ଅନ୍ତର୍ଗତ ଲୋକିପୁର। ମୁଁ ଜାଣିବାରେ ସେତେବେଳେ ମୋ ବାପା ଅଧିକାଂଶ ସମୟ କବିତା ଲେଖିବାରେ ବିତାଉଥିଲେ। ବାପାଙ୍କ କବିତା ପଢ଼ାପଢି କରି ମୋ ଭିତରେ କେଉଁଠି ନା କେଉଁଠି ସାହିତ୍ୟର ବିଜ ଅଙ୍କୁରୋଦ୍‌ଗମ ହୋଇଥିଲା । ଗାଁ ପ୍ରାଥମିକ ସ୍କୁଲରୁ ପାଠପଢ଼ା ଆରମ୍ଭ ହୋଇଥିଲା। ପରେ କାଇପଦର ହାଇସ୍କୁଲରେ ୮ମରେ ପଢୁଥିବା ବେଳେ ପ୍ରଥମେ 'ବର୍ଷା' ଶୀର୍ଷକ ଏକ କବିତା ଲେଖିଥିଲି। ମୋ କବିତାକୁ ପଢ଼ି ବାପା କିଛି ସଂଶୋଧନ କରିଦେଇଥିଲେ, ଯାହା ମୋତେ ବହୁତ ଉତ୍ସାହିତ କରିଥିଲା। ସେବେଠାରୁ ଲେଖାଲେଖି କରିବାର ଧାରା ଜାରି ରହିଛି। ପ୍ରଥମ କବିତା ପ୍ରକାଶ ପାଇଥିଲା ଗଡ଼ମାଣତୀରର କବି ବଳରାମ ରଣସିଂହଙ୍କ ସମ୍ପାଦିତ 'ପଲ୍ଲୀ ପ୍ରତିଭା' ପତ୍ରିକାରେ । ଚଉଦ ବର୍ଷ ବୟସରେ କଟକ ଆକାଶବାଣୀ 'ଯୁବବାଣୀ' କାର୍ଯ୍ୟକ୍ରମରେ ମୋର ପ୍ରଥମ ଗୀତ ପ୍ରସାରିତ ହୋଇଥିଲା । ଅଦ୍ୟାବଧି ଲେଖାଲେଖି ଚାଲିଛି। ଗୀତ ରଚନା କ୍ଷେତ୍ରରେ ଭଜନ ସମ୍ରାଟ ଭିକାରୀ ବଳ ଓ ଅରବିନ୍ଦ ମୁଦୁଲିଙ୍କ ପ୍ରେରଣା ପାଇ ମୁଁ ଭକ୍ତି ସଙ୍ଗୀତରୁ ମୋ'ର ସଙ୍ଗୀତ ଜୀବନ ଆରମ୍ଭ କରିଥିଲି । ମୁଁ ଲେଖିଥିବା ଭଜନ ମଧ୍ୟରେ ଶହେ ଜନମର ଲୁହ ସାଇତିଛି, ତୁ ନୀଳ ପାହାଡ଼ ମୁଁ ବନଝରଣା,ବାପା ତୁମେ ମୋର କୋଟିଜନମର ପୁଣ୍ୟ, ସେହିପରି ଆଧୁନିକ ମଧ୍ୟରେ ହ୍ୱାଟ୍‌ସଆପ୍ ପ୍ରେମ ଆଉ ଭଲ ଲାଗୁନାହିଁ, ତୁମ କଥା ମନେପଡ଼େ କାହିଁକି ଆଜି ଏତେ, ଡିଜେମୁକ୍ତ ରୋଶଣି, ନିଶାମୁକ୍ତ ଭସାଣି ଇତ୍ୟାଦି। ରଚନା କରିଥିବା ପ୍ରାୟ ଶତାଧିକ ଭଜନକୁ ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଅରବିନ୍ଦ ମୁଦୁଲି, ଗୀତା ଦାଶ, ସୌରଭ ନାୟକ, ରବୀନ୍ଦ୍ର ମହାପାତ୍ର, ବଜରଙ୍ଗ ଶତପଥୀ, ସୁଶ୍ରୀ ସଙ୍ଗୀତା ମହାପାତ୍ର, ଶୈଳଭାମା ମହାପାତ୍ର, ଅନ୍ତରା ଚକ୍ରବର୍ତ୍ତୀ, ଅସୀମା ପଣ୍ଡା, ମଧୁସ୍ମିତା ମିଶ୍ର, ମାନସୀ ଦାସ, ମନୋଜ ମିଶ୍ର, ବିଶ୍ୱ, କାଜଲ , ବିବେକ ରାଉତ, କୁମାର ଦିଲୀପ, ଇତିଶ୍ରୀ ଦାଶ, ବସନ୍ତ ମିଶ୍ର, ଡ. ବିଜୟ ଜେନା, ମାନସ ଦାଶ, ପୂର୍ଣ୍ଣଚନ୍ଦ୍ର ସାହୁ ଆର୍ଯ୍ୟ ସାଇପ୍ରସାଦ, ପୂଜା ପ୍ରତ୍ୟୁଷା, ଶୁଭଶ୍ରୀ ପ୍ରହରାଜ ପ୍ରମୁଖଙ୍କ କଣ୍ଠରେ ଲୋକପ୍ରିୟ ହୋଇପାରିଛି। ମୋ ରଚିତ ଗୀତ ପାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅରବିନ୍ଦ ମୁଦୁଲି, ବସନ୍ତ ମିଶ୍ର, ମନୋଜ ମିଶ୍ର, ରବୀନ୍ଦ୍ର ମହାପାତ୍ର, ଅଶୋକ ସାହୁ, ସଞ୍ଜୟ ଦାସ, ବିନୋଦ ବିହାରୀ ବେହେରା, ମାନସ ଦାସ ଓ ଶରତ କୁମାର ମିଶ୍ର ପ୍ରମୁଖ। ମୋ ଦ୍ୱାରା ପ୍ରକାଶିତ ପୁସ୍ତକ ହେଉଛି 'ନାଁ ତା'ର ଜଗନ୍ନାଥ', 'ଫୁଲ ଫୁଟିବାର ବେଳ', 'କେଶବତୀ କନ୍ୟା', 'ବିଚିତ୍ରବର୍ଣ୍ଣା' ଆଦି। ଏହାଛଡ଼ା ସେ ପତ୍ରିକାର ସମ୍ପାଦନା ମଧ କରିଛନ୍ତି।

ସେ କୁହନ୍ତି,'ଲେଖାଲେଖି ସହିତ ମତେ ବହି ପଢ଼ିବାକୁ ବହୁତ ଭଲ ଲାଗେ। ମୋ ମତରେ ବହି ହେଉଛି ମଣିଷର ସର୍ବୋତ୍ତମ ବନ୍ଧୁ । ପଢୁଥିବା ସମୟରେ ପୁସ୍ତକ ଭିତରେ ଲୁଚି ରହିଥିବା ଗୋଟେ ଗୋଟେ ବାକ୍ୟ ମୋତେ ଭାରି ଅଥୟ କରିଦିଏ। ଯାହା ମତେ ପରବର୍ତ୍ତୀ ସମୟରେ ଲେଖିବାକୁ ବାଧ୍ୟ କରେ। ପଢିବା ଓ ଲେଖିବା ମୋ ପାଁ ଜୀବନର ଏକ ମୁଖ୍ୟ ଅଂଶ। ଏହା ମନରେ ସ୍ଥିରତା ଆଣିବା ସହ ହୃଦୟକୁ ଶାନ୍ତି ଦେଇଥାଏ । ପଢିବା ଭିତରେ ଛାତି ଉପରେ ବହିଥିବା ଅବସ୍ଥାରେ ନିଦ ହୋଇଯିବା, ଆଉ ନିଦ ଭାଙ୍ଗିବା ବେଳକୁ ବହିକୁ ଆଲିଙ୍ଗନ ମୁଦ୍ରାରେ ଆବିଷ୍କାର କରିବାର ଆନନ୍ଦ ଅନୁଭବୀ ହିଁ ଜାଣେ । ଆଉ ଏହା ମୋ ପାଇଁ ଏକ ସୁନ୍ଦର ଅନୁଭବ। ମୁଁ ମୋ ଲେଖାର କୌଣସି ମୂଲ୍ୟାୟନ କରି ନ ଥାଏ। ଏତେ ଲେଖିବା ଭିତରେ ଏପର୍ଯ୍ୟନ୍ତ ମୁଁ କିନ୍ତୁ ଆତ୍ମସନ୍ତୋଷ ପାଇନାହିଁ । ଏବେ ବି ମୁଁ ମୋ ଶ୍ରେଷ୍ଠ ଲେଖା ସନ୍ଧାନରେ । ଯଦିଓ ଜାଣିଛି ପୂର୍ଣ୍ଣତା ପାଇଁ ଗୋଟାଏ ଜନ୍ମ ଯଥେଷ୍ଟ ନୁହେଁ। କାଳଜୟୀ ଶାରଳା ମହାଭାରତ ମୁଁ ପଢିଛି । ମୋ ମତରେ ତାହାର ସମକକ୍ଷ ରଚନା ବୋଧହୁଏ ନାହିଁ। ଏହାସହ ପଢିଛି 'ଟିକା ଗୋବିନ୍ଦଚନ୍ଦ୍ର', ବଳରାମ ଦାସଙ୍କ କୃତ 'ଲକ୍ଷ୍ମୀ ପୁରାଣ'। ଏହିସବୁ ବହି ସମାଜର ଚିତ୍ରକୁ ଖୁବ୍ ଚମତ୍କାରଭାବେ ଆଙ୍କିଛନ୍ତି। ସମାଜର କଥା କହୁଥିବାରୁ ସେ ସାହିତ୍ୟ ଯୁଗେ ଯୁଗେ ଜୀବନ୍ତ । କିନ୍ତୁ ଆଜିକାଲି ଶସ୍ତା ଲୋକପ୍ରିୟତା ପାଇଁ ଅନେକ ସାହିତ୍ୟ ସଙ୍ଗୀତ ରଚନା କରାଯାଉଛି। ମତେ ଲାଗେ ମହାକାଳ ତାକୁ ଫିଙ୍ଗିଦେବ ଅନନ୍ତ ଗର୍ଭକୁ । ଅନେକେ ନିଜକୁ ଯେତେ ବିଜ୍ଞାପିତ କରୁଛନ୍ତି ସାହିତ୍ୟକୁ ସେତେ ନୁହେଁ । କିଏ କେତେ ଅଧିକ ଜାତୀୟ, ଅନ୍ତର୍ଜାତୀୟ ପୁରସ୍କାର ପାଇଲା ସେଇଟା ହେଲା ତା'ର ମାପକାଠି। ଯାହା କେବଳ ପୁରସ୍କାର ସର୍ବସ୍ୱ। କିନ୍ତୁ କଳାକାର, କଣ୍ଠଶିଳ୍ପୀ, ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ, ନୃତ୍ୟଶିଳ୍ପୀର ମାନଦଣ୍ଡ କେବଳ ପୁରସ୍କାରରେ ସୀମିତ ନୁହେଁ। ଏଥିରେ ପରିବର୍ତ୍ତନ ଆବଶ୍ୟକ । ସ୍ୱର ସକାରାତ୍ମକ ହେବା ବାଞ୍ଛନୀୟ। ଆତ୍ମଘୋଷିତ ସାହିତ୍ୟିକ ପଚାଶଟି ଲେଖାଲେଖି ନ ଥିବାବେଳେ ପଚାଶ ସମ୍ମାନ ପାଇବାର ଅହଂକାର ପ୍ରଦର୍ଶନ କରୁଛି। ଏ ସବୁର ଅନ୍ତ ହେବା ସାହିତ୍ୟ ପାଇଁ ମଙ୍ଗଳକର ହେବ। ମୁଁ ଏବେ ବି ଭାବେ ଶବ୍ଦର ସମୁଦ୍ର ବେଳାରୁ ବାଲି ଗରଡ଼ାଟାଏ ଗୋଟାଇ ପାରିନି। ସବୁକିଛି ସାଉଁଟି ଅଣ୍ଟିରେ ଭରିବାର ଅଦମ୍ୟ ଇଚ୍ଛା । ହେଲେ ଏସବୁ ପାଇଁ କେତେ ଜନ୍ମ ନେବାକୁ ପଡ଼ିବ ଜାଣେନା । ସାହିତ୍ୟ ଛଡ଼ା ଏବେ ମୁଁ ଦଲକ ହାଇସ୍କୁଲରେ ଶିକ୍ଷକତା କରୁଛି। ପରିବାରରେ ଧର୍ମପତ୍ନୀ, ମୋର ଗୋଟିଏ ପୁଅ, ଗୋଟିଏ ଝିଅ ଏବଂ ଚାରିଭାଇ ଏକ ଯୌଥପରିବାରରେ ଚଳୁଛୁ। ମୋ ମତରେ କାହାରିକୁ ଟକ୍କର ଦେବାପାଇଁ ଆମ ସାହିତ୍ୟ ସୃଷ୍ଟି ହୋଇନାହିଁ । ଆମ ସାହିତ୍ୟ ବେଶ୍ ସମୃଦ୍ଧ ।

–ବନବିହାରୀ ବେହେରା









# ଅଳ୍ପ ସମୟର ଗଳ୍ପ

– ପବିତ୍ର ବ୍ରହ୍ମପୁତ୍ର ନାୟକ

(୧)

୧୦ ହଜାର ଟଙ୍କା ବେତନ ପାଉଥିବା ପୁଅର ପ୍ରସ୍ତାବକୁ ନାକଚ୍ କରିଦେଲେ ଝିଅର ବାପା। କିନ୍ତୁ ୫୫ ଲକ୍ଷର (ଧନୀ) ବୁଢ଼ାକୁ ଝିଅ ବାହା ଦେବା ପାଇଁ ସେ ଆଗଭର ଥିଲେ।

(୨)

ଝିଅଟି ଚାହୁଁଥିଲା ପୁଅକୁ, କିନ୍ତୁ ଝିଅର ବାପା ଚାହୁଁଥିଲେ ଚାକିରିକୁ।

(୩)

ପୁଅ ଥିଲା ଚାକିରିଆ, ଝିଅ ଥିଲା ଚାକିରିଆ, ଅଥଚ କାହାର କାହା ସହ ପଡୁ ନଥିଲା ; କାରଣ ଉଭୟଙ୍କ ଗର୍ବ ଥିଲା ଚାକିରି।

(୪)

ଝିଅଟି କହିଲା– ‘‘ମୁଁ ତୁମକୁ ଭଲ ପାଏ’’। ଯେବେ ବ୍ଲକଗ୍ରାଣ୍ଟ ଶିକ୍ଷକ ବୋଲି ଜାଣିଲା ସେବେ ଭୁଲିଗଲା। ସରକାର ଯେବେ ବ୍ଲକଗ୍ରାଣ୍ଟ ଉଚ୍ଛେଦ କରି ନିୟମିତ କରିଦେଲେ, ଝିଅଟି ପୁଣି କହିଲା– ‘‘ଦେଖ, ମୁଁ ଆଜିବି ତୁମକୁ ଭଲ ପାଏ’’।

*ମୋ: ୯୪୩୭୮୮୪୪*

# ନାରୀ ଓ ପାଉଁଶ

–ଶର୍ମିଷ୍ଠା ଜେନା

କେବେ କେବେ ଲୁହା ତରଳି ଯାଏ,
କେବେ ପୁଣି ଲୁହ ବି ଲୁହା ଠାରୁ
କଠିନ ହୋଇ ଛାତି ତଳେ
ଜମାଟ ବାନ୍ଧି ରହିଯାଏ।
ବୁକୁ ଫଟାଇ କେବଳ ଯାହା
ଧୀରେ ଧୀରେ ଦୀର୍ଘଶ୍ୱାସଟିଏ
ସନ୍ତର୍ପଣରେ ବାହାରିଯାଏ।
କେହି ବି ଦେଖି ପାରନ୍ତି ନାହିଁ
ହୁଏତ ଦେଖି ନ ଦେଖିବାର ବାହାନା କରନ୍ତି
କିଛି ବୁଝା ପଡେ ନାହିଁ।
ଜୀବନରେ କିଛି ଏମିତି ସମୟ ଆସେ
ଯାହାକୁ କି ଅନାୟାସରେ
ପାରି କରି ଦେଇ ପାରେ,
ଗୋଟିଏ ନାରୀ।
ଜୀବନର ଗୋଟିଏ ଗୋଟିଏ ପାହାଚ,
ଅତିକ୍ରମ କରି,
ଆଶା ବାନ୍ଧି ବସିଥାଏ,
ନିଶ୍ଚୟ ସମୟ ଆସିବ,
ମୁଁ ବି ମୋ ଇଚ୍ଛାର ମାଲିକାଣୀ ହେବି।
ଦୁଃଖକୁ ଆଉଟି ଆଉଟି
ପିଇ ନେଉ ନେଉ,
ଖୁସିରେ ଅଛି ବୋଲି
ଅଭିନୟ କରୁ କରୁ
ସୁଖର ରାସ୍ତା ପାଇଯିବି।
ସମୟର ଶେଷ ଘଣ୍ଟି
ବାଜିଯାଏ,
ଶେଷ ଇଚ୍ଛା ପୂରଣ ହୁଏ
ସ୍ୱାମୀ ପୁତ୍ର ପରିବାରର
ଉପସ୍ଥିତିରେ ସ୍ୱର୍ଗଦ୍ୱାର ଯାଏ
ଛ’ଖଣ୍ଡି କାଠ ସହ
ଜଳିଯାଏ ଜୁଇର ନିଆଁରେ,
ମୁଠାଏ ପାଉଁଶ ହୋଇ
ପବନରେ ବିଞ୍ଚି ହୋଇଯାଏ।

*–ଫ୍ରେଣ୍ଡସ କ୍ଲବ ଗଳି, ପୁରୀ*
*ମୋ: ୯୨୩୮୫୫୬୫୫୬*

# ଜରୁରୀ

–ସଂଗ୍ରାମ ମହାରଣା

ଜରୁରୀ, ଜରୁରୀ ,ଜରୁରୀ
ତମେ କହିବା ବି ଜରୁରୀ
ଆମେ ଶୁଣିବା ବି ଜରୁରୀ
ମିଛ ସହ ସତର ପଶାପାଲୀ ଜରୁରୀ
ଚକ୍ରବ୍ୟୂହ ଖେଳତମ ଜରୁରୀ
ହେଲେ ବାଟ ସବୁ ଖୋଜି ଖୋଜି
ସେଠୁ ମୁକୁଳିବା ବି ଜରୁରୀ... !

ତମ ଲେଖିବା ଜରୁରୀ
ତମ ବୁଝିବା ଆଉ ବୁଝେଇବା ବି ଜରୁରୀ
ତମ ପାଇଁ ଭିଡ ବି ତ ଜରୁରୀ
କାହିଁକି ଭୁଲୁଛ
ମାଟିରେ ନୀଡ ବି ଜରୁରୀ
ଆଉ ତମ ଇତିହାସ ପଢିବାକୁ
ମୋ ଭାରତ ବଞ୍ଚିବା ବି ଜରୁରୀ... !

ବନ୍ଦେ ମାତରମ୍ ହଉ କି ଜୟହିନ୍ଦ୍
ଅଥବା ହଉ ସିଏ ଜନଗଣ ମନଅଧି
ସବୁ ଏଠି ଥରେ ଥରେ ବାଜିବା ଜରୁରୀ,
ଆଉ ହଜୁରଙ୍କର ଶୁଣିବା ବି ଜରୁରୀ
ଗୋଟାପଣ ଅଟାରେ ବୁଡିଥିବା ଲୋକ
ଗହମର ରଙ୍ଗ ଟିକେ ଜାଣିବା ବି ଜରୁରୀ ... !

*–ଇନ୍ଦୁପୁର, କେନ୍ଦ୍ରାପଡା*
*ମୋ:୯୯୩୮୫୭୯୪୫୬*



# ଗାନ୍ଧାରୀ କହିବ ମନ କଥା

**ଗା**ନ୍ଧାରୀ ଜଣେ ସାଧାରଣ ମହିଳା । ନିଜ ଝିଅ ଏବଂ ପରିବାର ସଦସ୍ୟାଙ୍କ ସହ ବେଶ୍ ଖୁସିରେ ଥାଏ । ହେଲେ ତା'ଭାଗ୍ୟରେ ଯେ ଏମିତି ଘଟଣା ଘଟିବ ତାହା ସେ କେବେ କଳ୍ପନା କରି ନ ଥିଲା । ହଠାତ୍ କେହି ଜଣେ ତା' ଝିଅକୁ ଅପହରଣ କରିନିଏ । ଆଉ ତା'ପରେ ଦୁଃଖରେ ଭାଙ୍ଗି ପଡିଥିବା ଏହି ମହିଳା ମନକୁ ଦୃଢ଼ କରି ଝିଅକୁ ଖୋଜିବା ପାଇଁ ବାହାରି ପଡେ । ଆଉ ତା'ପରେ କ'ଣ ହୁଏ ? ସେ ଏହି କାମରେ ସଫଳ ହୁଅନ୍ତି ତ ? ଏଭଳି ଏକ ପାରିବାରିକ ଏବଂ ପ୍ରତିଶୋଧଭିତ୍ତିକ କାହାଣୀକୁ ଆଧାର କରି ନିର୍ମିତ ହୋଇଛି ହିନ୍ଦୀ ସିନେମା 'ଗାନ୍ଧାରୀ' । ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ତାପସୀ ପାନ୍ନୁ । ଏହି ଭୂମିକାର ସଫଳତାକୁ ନେଇ ଢ଼େର ଆଶା ବାନ୍ଧିଛନ୍ତି ଏହି ଅଭିନେତ୍ରୀ । ଏ ବିଷୟରେ ତାପସୀ କହନ୍ତି, ''ଏହି ଫିଲ୍ମରେ ଅନେକ ସାମାଜିକ ବାର୍ତ୍ତା ରହିଛି । ଏହି ଭୂମିକାକୁ ତୁଲାଇବା ପାଇଁ ମୁଁ ବହୁତ ପରିଶ୍ରମ କରିଛି । ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ ।'' ଫିଲ୍ମଟି ଖୁବ୍ ଶୀଘ୍ର ଓଟିଟି ପ୍ଲାଟଫର୍ମରେ ରିଲିଜ ହେବାକୁ ଯାଉଛି । ଏହି ଚିତ୍ରର ପ୍ରଯୋଜନା କରିବା ସହ କାହାଣୀ ରଚନା କରିଛନ୍ତି କନିକା ଧୀଲୋଁନ । ଏହାର ଲାଇନ୍ ପ୍ରଡ୍ୟୁସର ଅଛନ୍ତି ସିଦ୍ଧାର୍ଥ ନାୟକ । ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଦେବାଶିଷ ମାଖିଜା । ଏଥିରେ ତାପସୀଙ୍କ ବ୍ୟତୀତ ସ୍ୱସ୍ତିକା ମୁଖାର୍ଜୀ, ମିତା ବଶିଷ୍ଠ, ଇଶ୍ୱକ ସିଂ ଏବଂ ଜତୀନ ଶର୍ମା ମଧ୍ୟ ଅଭିନୟ କରିଛନ୍ତି । ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡିବ ।


ତାପସୀ

# ଯୋଗ ପ୍ରଶିକ୍ଷିକାରୁ ଅଭିନେତ୍ରୀ

**ସା**ନ୍ୟା ମାଲହୋତ୍ରା ଅଭିନୟ ଦୁନିଆରେ ପାଦ ଥାପିବା ପୂର୍ବରୁ ଜଣେ ଯୋଗ ପ୍ରଶିକ୍ଷିକା ଥିଲେ । ତା'ସହ କୋରିଓଗ୍ରାଫର ଭାବରେ କେତୋଟି ହିନ୍ଦୀ ସିନେମାରେ କାମ କରିଥିଲେ । କିନ୍ତୁ ଯେତେବେଳେ ସେ ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ ରିୟାଲିଟି ଶୋ' ଚୁଡାନ୍ତ ତାଲିକାରୁ ବାଦ ପଡିଲେ ସେତେବେଳେ ନିଜ ଭବିଷ୍ୟତକୁ ନେଇ ଚିନ୍ତାରେ ପଡିଯାଇଥିଲେ । କିନ୍ତୁ ସେହି ସମୟରେ କାଷ୍ଟିଂ ଡାଇରେକ୍ଟର ମୁକେଶ ଛାବ୍ରା ତାଙ୍କ ପାଖରେ ଦେବଦୂତ ପରି ଠିଆ ହୋଇଥିଲେ । ସେତେବେଳେ ମୁକେଶ ତାଙ୍କୁ ଏକ ପରାମର୍ଶ ଦେଇଥିଲେ । ଏ ବିଷୟରେ ସାନ୍ୟା କହନ୍ତି, ''ମୁମ୍ବାଇ ଆସିବା ପରେ ମୋର ପ୍ରଥମ ଲକ୍ଷ୍ୟ ଥିଲା କେମିତି ବଲିଉଡ୍‌ରେ ଏଣ୍ଟ୍ରି କରିବି । ହେଲେ ତାହା ଏତେ ସହଜ ନ ଥିଲା । କାଷ୍ଟିଂ ଡାଇକ୍ଟେର ମୁକେଶ ଛାବ୍ରା ସେହି ସମୟରେ ମୋତେ କିଛି ଟିପ୍ସ ଦେଇଥିଲେ । ଆକ୍ଟିଂ ପ୍ରତି ଅଧିକ ଧ୍ୟାନ ଦେବାକୁ ସେ ମୋତେ କହିଥିଲେ । ଆମୀର ସାର୍‌ଙ୍କ 'ଦଙ୍ଗଲ' ଫିଲ୍ମରେ ଅଭିନୟ କରିବାକୁ ଅଡିସନ୍ ଦେଲି । ହେଲେ ଯେତେବେଳେ ଶତାଧିକ ନବାଗତାଙ୍କ ମଧ୍ୟରୁ ସେ ମୋତେ ସିଲେକ୍ଟ କଲେ ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା । ଯଦି ଏହି ଅଡିସନ୍‌ରେ ମୁଁ ଫେଲ୍ ହୋଇଥାଆନ୍ତି ତା'ହେଲେ ମୋତେ ଆହୁରି ସଂଘର୍ଷ କରିବାକୁ ପଡିଥାଆନ୍ତା । ସେପଟେ 'ଦଙ୍ଗଲ'ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହେଲା ଆଉ ମୁଁ ନିଜକୁ ଆକ୍ଟିଂ ସହ ଜଡିତ ରଖିପାରିଲି ।''


ସାନ୍ୟା

# ଡେଟ୍ ନ ଥିଲା ବୋଲି

**କ**ରୀନା କପୁରଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ରିଫ୍ୟୁଜି' । ଜେ.ପି. ଦତ୍ତାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ତାଙ୍କର ନାୟକ ଭୂମିକାରେ ଅଭିଷେକ ବଚ୍ଚନ ଅଭିନୟ କରିଥିଲେ । ଏହି ସମୟରେ ତାଙ୍କୁ ରାକେଶ ରୋଶନ 'କହୋ ନା ପ୍ୟାର ହେ'ରେ ଆକ୍ଟିଂ କରିବାକୁ ବି ଅଫର ଦେଇଥିଲେ । ଫିଲ୍ମଟି ଥିଲା ହ୍ରିତିକ ରୋଶନଙ୍କ ପ୍ରଥମ ସିନେମା । କିନ୍ତୁ ଏଭଳି ଅଫରକୁ ସେ ହାତଛଡା କରିବାକୁ ବାଧ ହୋଇଥିଲେ । ଏ ସମ୍ପର୍କରେ କରୀନା କହନ୍ତି, ''ସତ କଥା ହେଲା ସେତେବେଳେ ମୋ ହାତରେ ଡେଟ୍ ନ ଥିଲା । ଏପଟେ ରାକେଶ ସାର୍ ଫିଲ୍ମଟିର ଶୁଟିଂ ଶୀଘ୍ର ଆରମ୍ଭ କରିବାକୁ ଯୋଜନା କରିଥିଲେ । ଏକାଥରେ ଦୁଇଟି ସିନେମାର ଶୁଟିଂ ସମାନ୍ତରାଳ ଭାବରେ ଚାଲୁ ରଖିବା ମୋ ପାଇଁ ସମ୍ଭବ ନ ଥିଲା । ତେଣୁ ବାଧ ହୋଇ ଏଭଳି ଏକ ଭଲ ଅଫରକୁ ହାତଛଡା କରିଥିଲି ।'' ଏହି ଭୂମିକା ପାଇଁ ଅମୀଷା ପଟେଲଙ୍କୁ ନିଆଯାଇଥିଲା । ଆଉ ଫିଲ୍ମଟି ହିଟ୍ ହେଲା । କେବଳ ଏଇ ଚଳଚ୍ଚିତ୍ରଟି ନୁହେଁ କରୀନା ପରବର୍ତ୍ତୀ ସମୟରେ 'କଲ୍ ହୋ ନା ହୋ' ଏବଂ 'କୁଇନ୍' ଭଳି ଭଲ ଅଫରକୁ ବି ହାତଛଡା କରିଛନ୍ତି ।


କରୀନା

# ଏ ମନ ଖୋଜୁଥାଏ ଯାହା...

**କ**ଥାରେ ଅଛି–ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା । କଥା କ'ଣ କି ଜ୍ୟୋତି ନାୟକ ଯେଉଁଭଳି ଭୂମିକା ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି । ଆଉ ଏଭଳି ଏକ ମନଲାଖି ଚରିତ୍ରଟିଏ କେଉଁ ଫିଲ୍ମରେ ଅଛି ଜାଣନ୍ତି ? ସେହି ଚିତ୍ରଟିର ହେଲା 'କୁଣ୍ଡଳୀ' । ଜ୍ୟୋତି କୁହନ୍ତି, '' ମୋତେ ଯେଉଁ ଭୂମିକା ମିଳିଛି ତାହା ମୋ କ୍ୟାରିୟରକୁ ମାଇଲେଜ୍ ଦେବ ବୋଲି ଆଶା ।'' ଉକ୍ତ ସିନେମାର କାହାଣୀରେ ରହସ୍ୟ ରୋମାଞ୍ଚ ଭରିରହିଛି । ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ନବାଗତା ବିଜୟଲକ୍ଷ୍ମୀ ନାୟକ । ନିର୍ଦ୍ଦେଶନା ଦେଇଛନ୍ତି ରୋହନଜିତ ଦାଶ । ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜ୍ଞାନ ବେହେରା । ଚିତ୍ରଟିର କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ଶୁଭ୍ରାଂଶୁ ଶେଖର ମହାପାତ୍ର । କାହାଣୀ ସହ ସଂଳାପ ରଚନା କରିଛନ୍ତି ଶୁଭ୍ରାଂଶୁ ବିଶ୍ୱାଳ । ଥଣ୍ଡର୍ ପିକ୍ସେଲ ଫିଲ୍ମସ ଏବଂ ଆମରା ମ୍ୟୁଜିକର ମିଳିତ ସହଯୋଗରେ ଏହାକୁ ପ୍ରସ୍ତୁତ କରାଯାଉଛି । ଏଥିରେ ଜ୍ୟୋତିଙ୍କ ବ୍ୟତୀତ ନବାଗତ ମୃଣ୍ମୟ, ଅନନ୍ୟା ଦାଶ ଏବଂ ଜସ୍ମିନ ପ୍ରମୁଖ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବେ । 'କୁଣ୍ଡଳୀ'ର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ ଏବଂ ଚଳିତବର୍ଷ ରଜରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପ୍ରକାଶ କରିଛନ୍ତି ।


ଜ୍ୟୋତି


# ଅଡୁଆ କରିଛି ପ୍ରେମ

**ଦି**ଶା ପଟାନିଙ୍କୁ ନେଇ ଏବେ ବଲିଉଡ୍‌ର ଚର୍ଚ୍ଚା । ହେଲେ ଏଭଳି ଆଲୋଚନାର କାରଣ ତାଙ୍କର ଅଭିନୟ ନୁହେଁ, ବରଂ ବ୍ୟକ୍ତିଗତ ଜୀବନ ସାଜିଛି । କଥା କ'ଣ କି ସେ କୁଆଡେ ଏବେ ଜଣେ ଗାୟକଙ୍କ ପ୍ରେମରେ ଉବୁଟୁବୁ ହେଉଛନ୍ତି । ଆଉ ଏସବୁ ଘଟଣା ଭିତରେ ଶେଷକୁ ବାଧ ହୋଇ ମୁହଁ ଖୋଲିଛନ୍ତି ଦିଶା । ସେ କହନ୍ତି, ''ଯାହା ସବୁ ଏବେ ଶୁଣିବାକୁ ମିଳୁଛି ତା' ପଛରେ ଟିକିଏ ହେଲେ ସତ୍ୟତା ନାହିଁ । ମୁଁ ଏବେ କେବଳ ଗୋଟିଏ କଥା ଉପରେ ଫୋକସ୍ କରୁଛି, ତାହା ହେଉଛି ମୋ କ୍ୟାରିୟର । ଏଭଳି ଅଯଥା କଥା ବିଷୟରେ ମୁଣ୍ଡ ଖେଳାଇବାକୁ ମୋ ନିକଟରେ ସମୟ ନାହିଁ । ଯେହେତୁ ଏପରି ଏକ ଭିତ୍ତିହୀନ କଥାକୁ ନେଇ ଜୋରସୋର ଆଲୋଚନା ହେଲା ତେଣୁ ବାଧ ହୋଇ ଏ ବିଷୟରେ ସଫେଇ ଦେଲି ।'' ଅଭିନୟ କରିବା ପୂର୍ବରୁ ଦିଶା କମ୍ପ୍ୟୁଟରରେ ବି.ଟେକ୍ ଡିଗ୍ରୀ ହାସଲ କରିଥିଲେ । ଆଉ ପାଠ ପଢ଼ ସରିବା ପରେ ଭାରତୀୟ ବାୟୁସେନାରେ ଯୋଗ ଦେବାକୁ ତାଙ୍କର ଇଚ୍ଛା ଥିଲା । କିନ୍ତୁ ଏଭଳି ଆଶା ପୂରଣ ହୋଇ ନ ଥିଲା । 'ବାଗୀ'ଫିଲ୍ମରେ ଟାଇଗର ଶ୍ରଫଙ୍କ ନାୟିକା ଭାବରେ ଫାଷ୍ଟ ଚଏସ୍ ଥିଲେ ଦିଶା । କିନ୍ତୁ ରାତାରାତି ଚକ ଏମିତି ଓଲଟିଗଲା ଯେ ଦେଖିଲାବେଳକୁ ଏହି ଭୂମିକା ପାଇଁ ଦିଶାଙ୍କ ସ୍ଥାନରେ ଶ୍ରଦ୍ଧା କପୁରଙ୍କୁ ସାଇନ୍ କରାଯାଇଥିଲା ।


ଦିଶା

# ଅପେକ୍ଷାରେ ଆୟୁଷ୍ମାନ

**ନୂ**ଆ ହିନ୍ଦୀ ସିନେମା 'ପତି ପତ୍ନୀ ଔର ୱ ଦୋ'ର ରିଲିଜ ଡେଟ୍‌କୁ ନେଇ ବେଶ୍ କଳ୍ପନା ଜଳ୍ପନା ଲାଗି ରହିଥିଲା । ଏପରିକି ପୂର୍ବରୁ ଘୋଷଣା କରାଯାଇଥିଲା ଯେ, ଏହି ଫିଲ୍ମ ମାର୍ଚ୍ଚ ୪ରେ ପରଦା ଉପରକୁ ଆସିବ । ହେଲେ କେତେକ କାରଣରୁ ଏହାକୁ ସ୍ଥଗିତ ରଖିବାକୁ ପଡିଥିଲା । ଏବେ କିନ୍ତୁ ଚିତ୍ରଟି କେବେ ମୁକ୍ତିଲାଭ କରିବ ସେହି ଶୁଭ ତାରିଖ ଘୋଷଣା କରାଯାଇଛି । ଏହା ଚଳିତ ବର୍ଷ ମେ' ୧୫ ତାରିଖରେ ରିଲିଜ ହେବ । ତେବେ ରିଲିଜ ଡେଟ୍ ସ୍ଥଗିତ କରାଯିବା ପଛରେ ଥିବା କାରଣ ବିଷୟରେ ଜାଣିବେନି ? ପ୍ରଥମ କଥା ହେଲା, ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ସ୍ଥିର ହୋଇଥିବା ଦିନଯାଏ ଶେଷ ହୋଇପାରି ନ ଥିଲା । ତା'ସହ ଏହାର ଏକ ଗୀତର ଶୁଟିଂ ବାକି ରହିଯାଇଥିଲା । ସେହି ଗୀତର ଶୁଟିଂ ନିକଟରେ ଶେଷ ହେବା ସହ ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି । ଉକ୍ତ ଚଳଚ୍ଚିତ୍ରରେ ପତି ଭୂମିକାରେ ଆୟୁଷ୍ମାନ ଖୁରାନା ଅଭିନୟ କରିଥିବା ବେଳେ ତାଙ୍କର ପତ୍ନୀ ସାଜିଛନ୍ତି ସାରା ଅଲ୍ଲୀ ଖାଁ । ରକୁଲ ପ୍ରୀତ ସିଂ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି । ଭୂଷଣ କୁମାର ଏବଂ ରେଣୁ ରବି ଚୋପ୍ରାଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ମୁଦାସର ଅଜିଜ ।


ଆୟୁଷ୍ମାନ

# ପ୍ରଥମ ଦରମା ପାଇ ଲାଗୁଥିଲା ପୃଥିବୀ ମୋ ହାତ ମୁଠାରେ

## ପ୍ରଥମ ରୋଜଗାର



**କବି ଓ ଲେଖିକା ବୀଣାପାଣି ରାଏଗୁରୁ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ତୁଳସୀପୁର ଗାଁରେ ମୋ ବାପଘର। ପିଲାଦିନେ ଘରର ଆର୍ଥିକାବସ୍ଥା ସେତେ ସ୍ୱଚ୍ଛଳ ନ ଥିଲା। ୫ ଭାଇଭଉଣୀଙ୍କ ଭିତରେ ମୁଁ ସବୁଠୁ ବଡ଼ ଥିଲି। ପାଠରେ ଥିଲା ମୋର ଭାରି ଆଗ୍ରହ। ମୁନି ଶାରଳା ଦାସ ବିଦ୍ୟାପୀଠରୁ ଏକାଦଶ ପାସ୍ କରିବା ପରେ ସଂସ୍କୃତରେ ସାହିତ୍ୟାଚାର୍ଯ୍ୟ କଲି। ତା'ପରେ ମୋର ଚାକିରି ହେଲା। ଜଗନ୍ନାଥପୁର ବାଳିକା ବିଦ୍ୟାଳୟରେ ସଂସ୍କୃତ ଶିକ୍ଷୟିତ୍ରୀ ଭାବେ ୧୯୭୮ ମସିହାରେ ଯୋଗଦେଲି। ସେତେବେଳେ ୧୦୦୦ ଟଙ୍କା ଥିଲା ମୋ ଦରମା। ଯେଉଁଦିନ ପ୍ରଥମ ଦରମା ହାତରେ ଧରିଲି, ମନେ ହେଉଥିଲା ସମଗ୍ର ପୃଥିବୀଟି ଯେମିତି ମୋ ହାତ ମୁଠାରେ। ଅପରିଚିତକୁ ପରିଚୟ ମିଳିବା ପରି ମୁଁ ମୋ ମା'ବାପାଙ୍କ ଅଭାବୀ ଆକାଶରେ ଧ୍ରୁବ ତାରା ପାଲଟି ଯାଇଥିଲି ସେଦିନ। ମା'ବାପାଙ୍କ ଆଖିରେ ଆଶା ଓ ଭରସାର ଆଲୁଅ, ଭାଇଭଉଣୀଙ୍କ ମୁହଁରେ ସେଦିନ ହସ ଦେଖିଥିଲି। ମୋର ମନେ ଅଛି, ସେହି ପ୍ରଥମ ଦରମାରେ ମୁଁ ମୋ ବୋଉ ପାଇଁ ଖଣ୍ଡେ ଶାଢ଼ି, ବାପାଙ୍କ ପାଇଁ ଗଞ୍ଜି ଆଉ ମୋ ସାନ ଭାଇ ପାଇଁ ପ୍ରଜାପତି ଚିତ୍ର ଥିବା ଏକ ଶାର୍ଟ କିଣିଥିଲି। ତା'ପରଠୁ ଧୀରେ ଧୀରେ ଘରର ଛୋଟମୋଟ ଦାୟିତ୍ୱ ନେବାକୁ ଲାଗିଲି। ଉକ୍ତ ବିଦ୍ୟାଳୟରେ ୨/୩ ବର୍ଷ ଶିକ୍ଷକତା କରିବା ପରେ ଗୋପୀନାଥପୁର ବାଳିକା ବିଦ୍ୟାଳୟକୁ ମୋର ବଦଳି ହେଲା। ପରେ ପରେ ମୋ ବାହାଘର ହୋଇଗଲା। ସ୍ୱାମୀଙ୍କର ଚାକିରି ସ୍ଥଳ ଥିଲା ଅରୁଣାଚଳ ପ୍ରଦେଶ। ଓଡ଼ିଶାକୁ ବଦଳି ହୋଇ ଆସିବା ପାଇଁ ସେ ଯେତେ ଚେଷ୍ଟା କଲେବି ସମ୍ଭବ ହେଲାନି। ବାଧ ହୋଇ ସେ ସେଠାରେ ଆଉ ମୁଁ ଏଠି ରହିଲି। ସମୟ ବିତିବା ସହ ଆମର ୫ଟି ପିଲା ହେଲେ, ୩ଝିଅ ଓ ୨ପୁଅ। ପିଲାମାନେ ମୋ ପାଖରେ ରହି ପାଠ ପଢିଲେ। ବେଶ୍ କିଛିବର୍ଷ ଏମିତି ବିତିଯିବା ପରେ ଅସୁବିଧା ହେବାରୁ ବାଧ ହୋଇ ଚାକିରି ଛାଡ଼ି ପିଲାଙ୍କୁ ଧରି ସ୍ୱାମୀଙ୍କ ପାଖକୁ ପଳେଇଲି। ସେଠି ପିଲାମାନେ ଉଚ୍ଚଶିକ୍ଷା ଲାଭ କଲେ। ଚାକିରି ଛାଡ଼ି ଘରେ ରହୁଥିବାରୁ ପିଲାଙ୍କ ପାଠପଢ଼ାରେ ଯଥେଷ୍ଟ ଧ୍ୟାନ ଦେଲି ; ଯାହାର ଫଳସ୍ୱରୂପ ଏବେ ମୋ ସବୁ ପିଲାମାନେ ଭଲ ଭଲ ସ୍ଥାନରେ ଚାକିରି କରି ନିଜ ଗୋଡ଼ରେ ନିଜେ ଠିଆ ହୋଇପାରିଛନ୍ତି। ଆଉ ୨୦୧୬ରୁ ସ୍ୱାମୀ ଚାକିରିରୁ ଅବସର ନେବା ପରେ ଆମେ ଓଡ଼ିଶା ମଧ୍ୟ ଫେରିଆସିଛୁ। ଏ ତ ଥିଲା ମୋ ଚାକିରି ଓ ପରିବାରର କଥା। ଏହାବାଦ୍ ମୋର ଲେଖାଲେଖିରେ ମଧ୍ୟ ରୁଚି ରହିଛି। ୫ମ ଶ୍ରେଣୀରେ ପଢିଲା ବେଳୁ ହିଁ ଛୋଟ ଛୋଟ କବିତା ଲେଖିବା ଆରମ୍ଭ କରିଥିଲି। ପରେ ପରେ ସଂସ୍କୃତରେ କିଛି ଲେଖା ଲେଖିଲି। ମୋର କେତୋଟି ପୁସ୍ତକ ବି ପ୍ରକାଶିତ ହୋଇଛି। ଅରୁଣାଚଳ ପ୍ରଦେଶରେ ଏତେ ବର୍ଷ ରହିବା ଭିତରେ ସେଠାକାର କିଛି ଇତିହାସକୁ ନେଇ ମୋର ଏକ ପୁସ୍ତକ 'ଭିନ୍ନ ଏକ ପୃଥିବୀ' ଉଭୟ ଓଡ଼ିଆ ଓ ହିନ୍ଦୀରେ ପ୍ରକାଶିତ ହୋଇଛି। ସେହିପରି 'ଅନନ୍ୟା', 'ଜୀବନ କହେ', 'ଆଇନାର ଅଗଣାରେ' ହେଉଛି ମୋ ରଚିତ କବିତା ଓ ଗୀତିକବିତା ପୁସ୍ତକ। ଅନ୍ୟପକ୍ଷେ 'ଅସ୍ତରାଗର ସୂର୍ଯ୍ୟ' ଓ 'କାହାଣୀ କହେ' ହେଉଛି ମୋର ଦୁଇଟି ଗଳ୍ପ ସଂକଳନ। ଏହାଛଡ଼ା ଭଗବତୀ ଚରଣ ବର୍ମାଙ୍କର ହିନ୍ଦୀ ଉପନ୍ୟାସ 'ଚିତ୍ରଲେଖା'କୁ ମୁଁ ଓଡ଼ିଆରେ ମଧ୍ୟ ଅନୁବାଦ କରିଛି। ଏବେ ବି ମୋର ଏହି ଲେଖାଲେଖିର ଧାରା ଜାରି ରହିଛି ; ଯାହା ମୋତେ ଖୁବ୍ ଆତ୍ମତୃପ୍ତି ଦେଉଛି।

# ଟିକିଏ ମିଠାକୁ ଟିକିଏ କଷା, ସହଜେ ଖସେନା ପ୍ରେମର ନିଶା

**ସାଥୀ**



**ପ୍ରଶ୍ନ**–ପ୍ରେମର ନିଶା ଥରେ ଘାରିଲେ ତାହା ସହଜରେ ଛାଡି ନ ଥାଏ। ଏପରି କାହିଁକି ହୁଏ ?

*–ବିପ୍ଳବ ସାହୁ, ବଲାଙ୍ଗୀର*

**ଉତ୍ତର :** ପ୍ରେମ ନିଶା ଯେତେବେଳେ ମୁଣ୍ଡକୁ ଚଢ଼େ ସେତେବେଳେ ମନ ଖାଲି ରଙ୍ଗୀନ ଦୁନିଆରେ ଉଡି ବୁଲୁଥାଏ। ଚାରିଆଡ କେବଳ ପ୍ରେମ ହିଁ ପ୍ରେମ। ଆଖି ଖୋଲିଲେ ପ୍ରେମ, ଆଖି ବୁଜିଲେ ପ୍ରେମ। କାରଣ 'ଟିକିଏ ମିଠାକୁ ଟିକିଏ କଷା, ସହଜେ ଖସେନା ପ୍ରେମର ନିଶା'। ତେଣୁ ଯଦି ପ୍ରେମ କରୁଛନ୍ତି ତେବେ କାହାକୁ ତ ମନା କରିହେବ ନାହିଁ। ହେଲେ ଏହି ସମୟରେ ନିଜ ମନର ବେଗକୁ ନିୟନ୍ତ୍ରଣରେ ରଖନ୍ତୁ। ନ ହେଲେ କେତେବେଳେ ଏହି ବିଶାଳ ଦୁନିଆରେ ଯେ ବାଟବଣା ହୋଇଯିବେ ତାହା କେବେ କଳ୍ପନା କରିପାରିବେ ନାହିଁ।

**ପ୍ରଶ୍ନ**–ପ୍ରଥମ ଇସାରାରେ ଜଣେ ସୁନ୍ଦରୀ ମୋ ମନରେ ଘର କରିଥିଲା। ହେଲେ ଏବେ ସେ ମୋ ଉପରେ ଅଭିମାନ କରିଛି। ତାକୁ କେମିତି ଶାନ୍ତ କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାନ୍ତୁ ?

*–ବିମଳ କୁମାର, ପୁରୀ*

**ଉତ୍ତର :** ଅଭିମାନରେ ବେଳେବେଳେ ପ୍ରେମର ଅସଲ ମଜା ଲୁଚି ରହିଥାଏ। କିନ୍ତୁ ସେହି ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। ପ୍ରିୟାର ଅଭିମାନ ଭସା ବାଦଲ ପରି। ତାହା କେତେବେଳେ ଆସି ପ୍ରେମର ଆକାଶକୁ ଅନ୍ଧକାର କରିଦିଏ ତ ପୁଣି କେତେବେଳେ ରଙ୍ଗୀନ ଆଲୋକରେ ମନରେ ଅସୁମାରୀ ଖୁସିର ଲହରି ଖେଳାଇ ଦିଏ। ତେଣୁ ପ୍ରେମିକାର ଅଭିମାନକୁ ନେଇ ଟେନସନ ନିଅନ୍ତୁ ନାହିଁ। ବାସ୍, ତା' ମନର ଭିତିରି କଥାକୁ ବୁଝନ୍ତୁ। ହୁଏତ ଏହି ଅଭିମାନ ନିଶ୍ଚୟ ତା' ଖିଆଲି ମନରେ କ୍ଷଣିକ ପାଇଁ ଆସିଥିବ !

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି। ହେଲେ ମୁଁ ବାହା ହେବା ପରେ ମୋର ଆଉ ଜଣେ ପୂର୍ବତନ ପ୍ରେମିକା ମୋତେ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି। ମୁଁ କ'ଣ କରିବି କିଛି ଜାଣିପାରୁନାହିଁ ?

*–ସମର କୁମାର, ତାଳଚେର*

**ଉତ୍ତର :** ଯାହାକୁ ପ୍ରେମ କରୁଥିଲେ ତାକୁ ତ ବାହା ହୋଇଛନ୍ତି, ଅର୍ଥାତ୍, ଆପଣ ଜଣେ ସକସେସଫୁଲ ପ୍ରେମିକ। କିନ୍ତୁ ପୁଣି ଥରେ ସେ ଏକତରଫା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ। ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ'ପରି ହେବ। ତେଣୁ ସେପରି ପ୍ରେମ ଆଉ ପ୍ରେମିକାଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଠିକ୍ ହେବ। ନ ହେଲେ ନେଡି ଗୁଡ ଯେତେବେଳେ କହୁଣିକୁ ବୋହି ଯିବ ସେତେବେଳେ ଆପଣଙ୍କ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ ପାଖରେ କେହି ନ ଥିବେ।

**ପ୍ରଶ୍ନ**–ଲାଜରୁ ପ୍ରେମର ସୃଷ୍ଟି। ମୋତେ ଜଣେ ଝିଅ ଦେଖି ଲାଜ କରୁଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ସୁନୀଲ, ବ୍ରହ୍ମପୁର*

**ଉତ୍ତର :** ସେହି ସୁନ୍ଦରୀର ଲାଜୁଆ ଚାହାଣୀ ଆପଣଙ୍କୁ ମତୁଆଲା କରିଛି। ହେଲେ ସେହି ଲାଜରେ ପ୍ରେମ ଅଛି କି ନାହିଁ, ତାହା ଜାଣିପାରୁନାହାନ୍ତି। ଏହି ସମୟରେ ଥରେ ଥଣ୍ଡା ମିଜାଜରେ ତା' ଲାଜର ଗହନ କଥାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ। ବେଳେବେଳେ ସେହି ଚୋରା ଚାହାଣିରେ ପ୍ରେମର ଅସଲ ମଞ୍ଜି ପୋତା ହୋଇ ରହିଥାଏ। ତାକୁ ଠାବ କରିବାକୁ ମଗଜ ଖଟାନ୍ତୁ। ଯଦି କିଛି ସୁରାକ ପାଇଗଲେ ତେବେ ବେଳକାଳ ଦେଖି ତାକୁ ନିଜ ମନ କଥା କୁହନ୍ତୁ। ଯଦି ସେପଟୁ ଗ୍ରୀନ୍ ସିଗନାଲ ମିଳିଲା ତେଣିକି ବିଳମ୍ବ ନ କରି ଆଗକୁ ବଢ଼ନ୍ତୁ। ନ ହେଲେ ଚାନ୍ସଟା ହାତରୁ ଖସି ଯାଇପାରେ।

# ମହାଶିବରାତ୍ରିରେ ଶାଢ଼ି ଲୁକ୍

**ମହାଶିବରାତ୍ରି ଭଳି ପବିତ୍ର ଅବସରରେ କେଉଁ ରଙ୍ଗର ତଥା କେଉଁ ଫାବ୍ରିକ୍‌ର ଶାଢ଼ି ପିନ୍ଧିଲେ ଆକର୍ଷଣୀୟ ଲୁକ୍ ମିଳିବା ସହ କମ୍ଫର୍ଟେବଲ୍ ଲାଗିଥାଏ ଜାଣନ୍ତୁ ସେ ସମ୍ପର୍କରେ...**



**ଶା**ଢ଼ିର ଫ୍ୟାଶନ ସବୁବେଳେ ଅନନ୍ୟ । ଏହା ଭାରତୀୟ ମହିଳାଙ୍କର ପ୍ରିୟ ପରିଧାନ । ପୂଜାପର୍ବ ହେଉକି ବାହାଘର, ବ୍ରତଘର ସବୁଠି ରହିଥାଏ ଶାଢ଼ିର ଡିମାଣ୍ଡ । ମହାଶିବରାତ୍ରି ଭଳି ପବିତ୍ର ଅବସରରେ ମଧ୍ୟ ଶାଢ଼ି ମହିଳାଙ୍କର ପ୍ରଥମ ପସନ୍ଦ ପାଲଟିଥାଏ ; ଯାହାକି ସେମାନଙ୍କୁ ଆକର୍ଷଣୀୟ ପାରମ୍ପରିକ ଲୁକ୍ ଦେବା ସହ ମନରେ ପ୍ରଫୁଲ୍ଲତା ମଧ୍ୟ ଆଣିଥାଏ । ତେବେ ଏଭଳି ଏକ ଶୁଭଦିନରେ କେଉଁ ରଙ୍ଗର ତଥା କେଉଁ ଫାବ୍ରିକ୍‌ର ଶାଢ଼ି ପିନ୍ଧିଲେ କମ୍ଫର୍ଟେବଲ୍ ଲାଗିବା ସହ ଆକର୍ଷଣୀୟ ଲୁକ୍ ମିଳିପାରିବ ଜାଣନ୍ତୁ ସେ ନେଇ କିଛି ଟିପ୍ସ ।

### ଶାଢ଼ିର ରଙ୍ଗ ଓ ଡିଜାଇନ୍

✲ **ହଳଦିଆ:** ଏହି ରଙ୍ଗ ଜ୍ଞାନ, ଉର୍ଜ୍ଜା ତଥା ସୁଖସମୃଦ୍ଧିର ପ୍ରତୀକ ହୋଇଥାଏ । ପୂଜାପର୍ବ ସମୟରେ ଏହି ରଙ୍ଗର ଶାଢ଼ି ପିନ୍ଧିବା ଶୁଭ ବୋଲି ବିଶ୍ୱାସ ରହିଛି । ହଳଦିଆ ରଙ୍ଗକୁ ନାଲି ବର୍ଡର ଥିବା ଶାଢ଼ି ମହାଶିବରାତ୍ରିରେ ପିନ୍ଧିବା ଏକ ଭଲ ଅପ୍ସନ ହୋଇପାରେ ।

✲ **ସବୁଜ:** ଏହି ରଙ୍ଗ ପ୍ରକୃତି ଓ ସନ୍ତୁଳନକୁ ଦର୍ଶାଇଥାଏ । ହାଲୁକା ସବୁଜ ଅବା ପିସ୍ତା ଶେଡ୍ ଗ୍ରୀନ୍ କଲରର୍ ଶାଢ଼ିକୁ ବି ଏହି ପବିତ୍ର ଅବସରରେ ପିନ୍ଧିବା ଶୁଭ ହୋଇଥାଏ ।

✲ **ଧଳା:** ପବିତ୍ରତା ତଥା ସାତ୍ତ୍ୱିକତାର ପ୍ରତୀକ କୁହାଯାଉଥିବା ଧଳା ରଙ୍ଗର ଶାଢ଼ିରେ ଗୋଲ୍ଡେନ ବର୍ଡର ଅବା ନାଲି ବର୍ଡରର କାମ ହୋଇଥିଲେ ତାହା ଖୁବ୍ ସୁନ୍ଦର ଦେଖାଯାଇଥାଏ । ଏହି ଟାଇପ୍‌ର ଶାଢ଼ିକୁ ମହାଶିବରାତ୍ରିରେ ପିନ୍ଧି ପୂଜାକଲେ ମନକୁ ବେଶ୍ ଶାନ୍ତି ଲାଗିଥାଏ ।

✲ **ନାଲି କିମ୍ବା ନାରଙ୍ଗୀ:** ମାତା ପାର୍ବତୀଙ୍କର ଏହି ଦୁଇ ରଙ୍ଗ ଖୁବ୍ ପସନ୍ଦ । ତେଣୁ ମହାଶିବରାତ୍ରି ଅବସରରେ ଏହି ଦୁଇ ରଙ୍ଗର ଶାଢ଼ିକୁ ବି ଖୁସିରେ ପିନ୍ଧାଯାଇପାରେ ।

✲ **ନୀଳ:** ଦେବ ଦେବ ମହାଦେବଙ୍କର ନୀଳକଣ୍ଠର ସ୍ୱରୂପକୁ ସୂଚାଉଥିବା ଏହି ରଙ୍ଗର ଶାଢ଼ିକୁ ବି ମହାଶିବରାତ୍ରି ଅବସରରେ ପିନ୍ଧାଯାଇପାରେ । ଏହି ରଙ୍ଗ ଧୈର୍ଯ୍ୟ ଓ ଶାନ୍ତିର ପ୍ରତୀକ ହୋଇଥାଏ ।

### ଜାଣିବା କଥା

✲ ପୂଜାପର୍ବ ଅବସରରେ କମ୍ଫର୍ଟେବଲ୍‌କୁ ସବୁବେଳେ ପ୍ରାଥମିକତା ଦେବା ଆବଶ୍ୟକ । ସେଥିପାଇଁ ଏହି ବିଶେଷ ଦିନଗୁଡ଼ିକରେ ଭାରି କାମ ହୋଇଥିବା ଶାଢ଼ି ନ ପିନ୍ଧି ହାଲୁକା ବର୍ଡର କାମ ହୋଇଥିବା ଶାଢ଼ି ପିନ୍ଧି ଦିନଯାକ ଉପବାସ ରହିଲେ ବି ବିଶେଷ ବାଧେ ନାହିଁ ।

✲ ମଲମଲ୍ କଟନ୍, ସିଫନ୍, ଜର୍ଜେଟ୍ ଅବା ସିଲ୍କ ଫାବ୍ରିକ୍‌ର ଶାଢ଼ିକୁ ପୂଜାପର୍ବ ସମୟରେ ପିନ୍ଧିଲେ ବେଶ୍ ଆରାମ ଲାଗେ ।


✲ ବାନ୍ଧେନୀ, ତନ୍ତବୁଣା ଶାଢ଼ି ଅବା ସାଟିନ୍ ଫାବ୍ରିକ୍‌ର ଶାଢ଼ିକୁ ବି ଏ ସମୟରେ ପିନ୍ଧାଯାଇପାରେ ।

✲ ମହାଶିବରାତ୍ରି ଅବସରରେ କଳା ରଙ୍ଗର ଶାଢ଼ି ପିନ୍ଧିବା ଠିକ୍ ନୁହେଁ ।











# ହାଃ ହାଃ

## କିଏ

ଗୋଟେ ପାଗଳ ଆଇନା ଦେଖିବା ପରେ ଭାବିଲା –ୟାକୁ ମୁଁ କୋଉଠି ଦେଖିଛି । ଅନେକ ସମୟ ଭାବିବା ପରେ କହିଲା–ଧେତ୍, ଇଏ ପରା ସିଏ, ଯିଏକି ସେଦିନ ମୋ ସହିତ କେଶ କାଟୁଥିଲା ।

## ଡ଼ର

ଦୁର୍ଘଟଣାଗ୍ରସ୍ତ ହୋଇ ଚିକିତ୍ସିତ ହେଉଥିବା ମୋହନକୁ ଡାକ୍ତର: ଆପଣ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହେଇଗଲେଣି । ଆଉ ଭୟ କରିବାର କିଛି ନାହିଁ । ତଥାପି କାହିଁକି ଏତେ ଡ଼ରୁଛନ୍ତି ?
ମୋହନ: ଡ଼ରିବିନି କେମିତି ? ସେ ଟ୍ରକରେ ପରା ଲେଖା ହେଇଥିଲା 'ଜୀବନ ରହିଲେ ପୁଣି ଭେଟ ହେବ' ।

## ଜ୍ୟାକେଟ୍

ରାତିରେ ଲେଟ୍‌ରେ ଫେରିଥିବା ପୁଅର ଜ୍ୟାକେଟ୍‌କୁ ବାପା ଭଲଭାବେ ଖୋଜିବାରୁ ସିଗାରେଟ୍ ଓ ଝିଅମାନଙ୍କ ନମ୍ବର ପାଇଲେ । ଏହା ଦେଖି ବାପା ପୁଅକୁ ମାଡ଼ମାରି: କହ ସିଗାରେଟ୍ କେବେଠୁ ଟାଣୁଛୁ ଓ ଆଉ ଏତେ ଝିଅଙ୍କ ନମ୍ବର କାହିଁକି ରଖିଛୁ ?
ପୁଅ: ମୁଁ କିଛି ଜାଣିନି ?
ବାପା: କ'ଣ ! ଜାଣିନୁ ? କହ ଏସବୁ କେବେଠୁ ଚାଲିଛି ?
ପୁଅ: ବାପା ସତ କହୁଛି ମୁଁ କିଛି ଜାଣିନି, କାହିଁକି ନା ଏ ଜ୍ୟାକେଟ୍ ମୋର ନୁହେଁ । ଏଇଟା ତ ତମର ।

## ରାଗ

ମନୁ ମହେଶକୁ: ଜାଣିଛ ନା ମୋ ପଡୋଶୀ ଭାରି ଖରାପ ।
ମହେଶ: କାଇଁ କ'ଣ କଲେ କି ସେ ?
ମନୁ: କାଲି ରାତି ୩ଟାରେ ଆସି ସେ ଆମ କବାଟ ବାଡ଼ଉଥିଲେ । ଭାରି ରାଗ ଲାଗୁଥିଲା । ମୁଁ ଚେଇଁଥିଲି ବୋଲି ସିନା କବାଟ ଖୋଲିଲି ।
ମହେଶ: ଓଃ । ହେଲେ ତମେ ଏତେ ରାତିଯାଏ କ'ଣ କରୁଥିଲ ?
ମନୁ: ତବଲା ପ୍ରାକ୍ଟିସ୍ କରୁଥିଲି ।



# ବୀରହରେକୃଷ୍ଣପୁର


ଅନେକ ପ୍ରତିଭାବାନ୍ ଯଶସ୍ୱୀ ଯୋଗଜନ୍ମା ମହାପୁରୁଷଙ୍କୁ ଜନ୍ମ ଦେଇଥିବା ଐତିହ୍ୟସମ୍ପନ୍ନ ଗାଁ ହେଉଛି ବୀରହରେକୃଷ୍ଣପୁର । ପୁରୀଠାରୁ ପ୍ରାୟ ୫କିମି ଦୂରରେ ଏହାର ଅବସ୍ଥିତି । ଏହି ଗାଁରେ ୧୭୩୯ ମସିହା କାର୍ତ୍ତିକମାସ ଅଁଳା ନବମୀ ତିଥିରେ ମାତା ହାରାମଣି, ପିତା ଚାନ୍ଦ ରାଜଗୁରୁଙ୍କ କୋଳମଣ୍ଡନ କରିଥିଲେ ପାଇକ ବିଦ୍ରୋହର ମୁଖ୍ୟ ପୁରୋଧା ଜୟୀ ରାଜଗୁରୁ ।

୧୮୦୩ ମସିହା କଥା । ଇଂରେଜମାନେ ଓଡ଼ିଶାକୁ ଦଖଲ କରିଥିଲେ । ସେତେବେଳକୁ ଭାରତର ସବୁ ଅଞ୍ଚଳଙ୍କୁ ସେମାନେ କରାୟତ୍ତ କରିସାରିଥିଲେ । ଏପରିକି ସବୁ ରାଜାମାନଙ୍କୁ ନିଜ ଅଧୀନଙ୍କୁ ନେବାକୁ ଚେଷ୍ଟା ମଧ୍ୟ କରିଥିଲେ ; ଯେଉଁଥିପାଇଁ ବିଭିନ୍ନ ପ୍ରକାର ସର୍ତ୍ତମୂଳକ ଚୁକ୍ତି କରିବାକୁ ଚାହିଁଥିଲେ । ସେତେବେଳେ ଖୋର୍ଦ୍ଧାର ରାଜା ୨ୟ ମୁକୁନ୍ଦଦେବ ନାବାଳକ ଥିବାରୁ ତାଙ୍କର ମୁଖ୍ୟ ପରାମର୍ଶଦାତା ରୂପେ ଜୟୀ ରାଜଗୁରୁ ରାଜକାର୍ଯ୍ୟ ପରିଚାଳନା କରୁଥିଲେ । ଇଂରେଜମାନଙ୍କ ସର୍ତ୍ତକୁ ଜୟୀ ରାଜଗୁରୁ ସ୍ୱୀକାର ନକରି ପ୍ରଥମେ ୨ହଜାର ପାଇକମାନଙ୍କୁ ନେଇ କଟକଠାରେ ଇଂରେଜ ସାହେବଙ୍କୁ ଘେରାଉ କରିଥିଲେ । ପରେ ଓଡ଼ିଶାର କେତେକ ସ୍ଥାନରେ ପାଇକମାନେ ଇଂରେଜ ସହିତ ଯୁଦ୍ଧ କରିଥିଲେ । ୧୮୦୪ ମସିହାରେ ଇଂରେଜମାନେ ଖୋର୍ଦ୍ଧାକୁ ଆକ୍ରମଣକରି ଜୟୀ ରାଜଗୁରୁଙ୍କୁ ବନ୍ଦୀ କଲେ । ଇଂରେଜ ସରକାର ମେଜର ଫ୍ଲେଚରଙ୍କୁ ଖୋର୍ଦ୍ଧାର ପ୍ରଶାସନିକ ମୁଖ୍ୟଭାବେ ଅବସ୍ଥାପିତ କରି ସାମରିକ ଶାସନ ଲାଗୁକଲେ । ୧୮୦୫ରେ ଖୋର୍ଦ୍ଧାକୁ ଖାସମାଲରେ ପରିଣତ କରାଗଲା । ୧୮୦୬ରେ ମେଦିନପୁର ବାଘତୋଟାର ବରଗଛରେ ଅତିନିର୍ମମ ଭାବେ ଜୟୀ ରାଜଗୁରୁଙ୍କୁ ଫାଶୀ ଦିଆଗଲା । ଏହାପରେ ରାଜଗୁରୁଙ୍କ ଗାଁକୁ ସେମାନେ ନିଲାମ କରିଦେଇଥିଲେ । ଯାହା ବର୍ତ୍ତମାନ ପୁରୀ ସଦର ଅନ୍ତର୍ଗତ ବୀରହରେକଷ୍ଣପୁର ଏକ ଗ୍ରାମ ପଞ୍ଚାୟତ ଓ ରାଜସ୍ୱ ଗ୍ରାମ ଭାବେ ପରିଚିତ । ପୂର୍ବରୁ ଏଠାରେ ଏକ ଜନବସତି ଥିଲା । ଗାଁର ନାମ ଥିଲା ହରିହରପୁର । ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୭୧୫ ପୂର୍ବରୁ ଅଞ୍ଚଳରେ ଦୁର୍ଭିକ୍ଷ ପଡ଼ିଲା । ସେଥିରୁ ମୁକ୍ତି ପାଇଁ ଗ୍ରାମର ହଳଧର ମହାପାତ୍ରଙ୍କ ପ୍ରସ୍ତାବକ୍ରମେ ଗାଁରେ ଶାରଦ ବାଜପେୟୀ ଯଜ୍ଞର ଆୟୋଜନ ପାଇଁ ଗଜପତି ସମ୍ମତି ପ୍ରକାଶ କରିଥିଲେ । ଗାଁରେ ଆୟୋଜିତ ଯଜ୍ଞରେ ପ୍ରାୟ ୯୬ଜଣ ବ୍ରାହ୍ମଣ ଯୋଗଦେଇଥିଲେ । ଫଳରେ ଦୁର୍ଭିକ୍ଷ ଦୂର ହୋଇଥିଲା । ପରେ ରାଜା ସେମାନଙ୍କୁ ଦାନ ସ୍ୱରୂପ ୫ ବଖରା ଘର ଲେଖାଏଁ ଦାନ କରାଇଥିଲେ । ଏଥିଯୋଗୁ ଗଜପତି ହରେକୃଷ୍ଣ ଦେବଙ୍କ ନାମ ଅନୁସାରେ ବୀରହରେକୃଷ୍ଣପୁର ନାମରେ ରାଜାଙ୍କ ଦ୍ୱାରା ଏହି ଗାଁ ପ୍ରତିଷ୍ଠା ହୋଇଥିଲା । ରାଜାଙ୍କର ୪ଟି ବିହନ ଗ୍ରାମଭାବେ ବୀରହରେକୃଷ୍ଣପୁର ଗଣାହେଲା ।

୧୬ ଶାସନ ମଧ୍ୟରେ ଏହା ସ୍ୱତନ୍ତ୍ର । ଏହି ଗାଁର ଉତ୍ତର ପଶ୍ଚିମ କୋଣରେ–ବାଟମଙ୍ଗଳାଙ୍କ ମନ୍ଦିର, ପୂର୍ବରେ–ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର, ପଶ୍ଚିମ ଦିଗରେ ମା' ବିରିଜାଇ ଏବଂ ଗୋପୀନାଥ ଦେବଙ୍କ ମନ୍ଦିର, ଉତ୍ତରରେ ମା' ଉଗ୍ରତାରାଙ୍କ ମନ୍ଦିର ରହିଛି । ଏହି ଗାଁରେ ଜୟୀ ରାଜଗୁରୁଙ୍କ ପବିତ୍ର ଜନ୍ମପୀଠ ରହିଛି । ଗ୍ରାମର ଇଷ୍ଟ ଦେବଭାବେ ଗୋପୀନାଥ ଦେବଙ୍କ ମନ୍ଦିର ରହିଛି । ରାଣିତଲାଉ ନାମରେ ଏକ ବଡ଼ ପୋଖରୀ ରହିଛି, ଯାହାକୁ ରାଣୀ ଅହଲ୍ୟା ବାଈ ଖୋଳାଇଥିଲେ । ଏହି ପୋଖରୀ ସମ୍ପର୍କରେ ବହୁ କିମ୍ବଦନ୍ତୀ ରହିଛି । ଅତୀତରେ ଏହି ପୋଖରୀ ଖନନ ବେଳେ ପଶ୍ଚିମପଟେ ୨୨ଟି ଶାହାଣ ପଥରର ପାହାଚ ଏବଂ ମାଟି କୁଡ଼ୁଆ ଉଧାର କରାଯାଇଥିଲା । ଏହି ପୋଖରୀରେ ସେତେବେଳେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ହେଉଥିଲା । ଅଦ୍ୟାବଧି ପ୍ରତିବର୍ଷ ଏଠାରେ ବିଧି ଅନୁସାରେ ଚନ୍ଦନ ଯାତ୍ରା ହୋଇଥାଏ । ଗାଁରେ ଲୋକନାଥ ମହାଦେବଙ୍କ ମନ୍ଦିର ମଧ୍ୟ ରହିଛି । ମହାପ୍ରଭୁଙ୍କ ମହିମା ଅପାର । ଏହାର ଖୁବ୍ ସୁନ୍ଦର କିମ୍ବଦନ୍ତୀ ରହିଛି ।

ଗାଁରେ ହିନ୍ଦୁ ପର୍ବପର୍ବାଣି ମଧ୍ୟରେ ମୁଖ୍ୟତଃ ଶୀତଳ ଷଷ୍ଠୀ, ମୀନସନି ଯାତ୍ରା, ଅଶୋକାଷ୍ଟମୀ, ଚନ୍ଦନଯାତ୍ରା, ଅଁଳାନବମୀ ଆଦି ଶ୍ରୀଜଗନ୍ନାଥଙ୍କ ମନ୍ଦିର ସହିତ ଯୋଡ଼ି ହୋଇ ରହିଥିବା ବିଭିନ୍ନ ଓଷାବ୍ରତ ପର୍ବପର୍ବାଣି ପାଳିତ ହୋଇଥାଏ । ଗାଁରେ ବହୁ ଯଶସ୍ୱୀ ପଣ୍ଡିତ, ବିଦ୍ୱାନ୍ ବ୍ୟକ୍ତି ଜନ୍ମଲାଭ କରିଛନ୍ତି । ସେମାନଙ୍କ ମଧ୍ୟରେ ଜୟୀ ରାଜଗୁରୁ ଥିବାବେଳେ ପରବର୍ତ୍ତୀ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଗଦାଧର ପଦ୍ଧତିର ରଚୟିତା– ଗଦାଧର ରାଜଗୁରୁ, ସାହିତ୍ୟ ଦର୍ପଣର ରଚୟିତା– ବିଶ୍ୱନାଥ କବିରାଜ, ପଣ୍ଡିତ ଚିନ୍ତାମଣି ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର, ଜଷ୍ଟିସ ଲିଙ୍ଗରାଜ ରଥ, ପଦ୍ମଭୂଷଣ ଡ. ରାଧାନାଥ ରଥ ପ୍ରମୁଖ ବହୁ ଯୋଗଜନ୍ମା ମହାପୁରୁଷଙ୍କ ଜନ୍ମଭୂମି ଭାବେ ଏହି ବୀରହରେକୃଷ୍ଣପୁର ଗାଁ ସୁପରିଚିତ ।

*ତଥ୍ୟ: ଡ. ଜଟାଧାରୀ ମିଶ୍ର, ମୋ: ୭୯୭୮୩୩୨୭୬୭*
*ଫଟୋ ଓ ଉପସ୍ଥାପନା: ବନବିହାରୀ*



# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ରାୱାଙ୍ଗଲା







ରାୱାଙ୍ଗଲା ; ଯାହାକୁ ରାବୋଙ୍ଗ ବୋଲି ବି ସମ୍ବୋଧନ କରାଯାଇଥାଏ । ଏହା ହେଉଛି ସିକ୍କିମ୍‌ସ୍ଥିତ ଏକ ଛୋଟ ସହର । ସମୁଦ୍ରପଉନରୁ ପ୍ରାୟ ୮୦୦୦ ଫୁଟ୍ ଉଚ୍ଚତାରେ ଥିବା ଏହି ସ୍ଥାନରେ ପର୍ଯ୍ୟଟକ ପାହାଡ଼, ପର୍ବତ, ପୁରୁଣା ମଠ, ବୁଦ୍ଧ ପାର୍କ, ଜାତିଜାତିକା ପଶୁପକ୍ଷୀ, ଫୁଲ ବଗିଚା, ଚା' ବଗିଚା, ବନସ୍ପତି, କଳକଳନାଦ କରି ବହି ଯାଉଥିବା ଝରଣା ଆଦି ବୁଲି ଦେଖିପାରିବେ । ଏଠାକାର ପରିବେଶ ଖୁବ୍ ଶାନ୍ତ ଓ ମନୋରମ ରହୁଥିବା ଯୋଗୁ ଏଠାକୁ ଥରେ ଆସିଲେ ଆଉ ଯିବାକୁ ଇଚ୍ଛା ହୁଏନି । ଖାସ୍ ସେଇଥିପାଇଁ ତ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ ।

## ମୁଖ୍ୟ ଆକର୍ଷଣ

ପର୍ଯ୍ୟଟକଙ୍କ ମନକୁ ମୋହିଲା ଭଳି ଅନେକ ମନୋରମ ସ୍ଥାନ ରହିଛି ରାୱାଙ୍ଗଲାରେ । ଯେମିତିକି:

* **ବୁଦ୍ଧ ପାର୍କ:** ରାୱାଙ୍ଗଲାଠାରେ ବୁଦ୍ଧ ପାର୍କ ନାମରେ ଏକ ପାର୍କ ରହିଛି ; ଯେଉଁଠାରେ ଗୌତମ ବୁଦ୍ଧଙ୍କର ପ୍ରାୟ ୧୩୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ବିଶାଳ ପ୍ରତୀମା ଥିବାର ପର୍ଯ୍ୟଟକ ଦେଖିପାରିବେ ।
* **ରାଲଙ୍ଗ ମଠ:** ଏହା ରାୱାଙ୍ଗଲା ନିକଟରେ ଥିବା ଏକ ପ୍ରସିଦ୍ଧ ବୌଦ୍ଧ ମଠ ; ଯାହା ବୌଦ୍ଧ କଳା ଓ ବୌଦ୍ଧ ସଂସ୍କୃତିର ଏକ ମୁଖ୍ୟ କେନ୍ଦ୍ର ମଧ୍ୟ ।
* **ପ୍ରାକୃତିକ ଦୃଶ୍ୟ:** ଏହି ସ୍ଥାନରୁ କାଞ୍ଚନଜଙ୍ଘା, ପନ୍ଦିମ, ସିନିଓଲଚୁ, କାବ୍ରୁ ନାମକ ଉଚ୍ଚ ଉଚ୍ଚ ପର୍ବତ ଶିଖର ଦେଖିବାର ସୁଯୋଗ ରହିଛି ।
* **ଫୁଲ ବଗିଚା:** ରାୱାଙ୍ଗଲାର ଉପରି ଭାଗରେ ଶୀତଦିନେ ତୁଷାରପାତ ହୋଇଥାଏ ବୋଲି ସୂଚନା ରହିଛି । ପରେ ଏପ୍ରିଲ୍, ମେ' ମାସରେ ଏଠାରେ ରଙ୍ଗବେରଙ୍ଗର ଫୁଲ ଫୁଟିବା ଆରମ୍ଭ ହୁଏ । ମୁଖ୍ୟତଃ ଅର୍କିଡ ଓ ରୋଡୋଡେନ୍ଡ୍ରୋନ୍ ଫୁଲ ଏଠାରେ ପ୍ରଚୁର ଫୁଟିଥାଏ ; ଯାହାର ଅପୂର୍ବ ଦୃଶ୍ୟ ବେଶ୍ ମନମୁଗ୍ଧକର ଲାଗେ ।
* **ଚା' ବଗିଚା:** ରାୱାଙ୍ଗଲାରେ ଚା' ଚାଷ ବି ଖୁବ୍ ଭଲ ହୋଇଥାଏ । ପର୍ଯ୍ୟଟକ ଏଠାକାର ଚା' ବଗିଚା ବୁଲି ନିଆରା ଅନୁଭୂତି ମଧ୍ୟ ସାଉଁଟିପାରିବେ ।
* **ଟ୍ରେକିଂର ମଜା:** ପାହାଡ଼, ପର୍ବତଘେରା ରାୱାଙ୍ଗଲାରେ ଟ୍ରେକିଂ ପାଇଁ ବି ଯଥେଷ୍ଟ ସୁବିଧା ରହିଛି ; ଏହା ପର୍ଯ୍ୟଟକଙ୍କୁ ରୋମାଞ୍ଚକର ଅନୁଭୂତି ଦେଇଥାଏ ।

ଏସବୁ ବ୍ୟତୀତ ରାୱାଙ୍ଗଲାର ପ୍ରାକୃତିକ ପରିବେଶ ଭିତରେ ପର୍ଯ୍ୟଟକ ଜାତିଜାତିକା ପଶୁପକ୍ଷୀ, ଝରଣାର ସୌନ୍ଦର୍ଯ୍ୟକୁ ବି ମନଭରି ଉପଭୋଗ କରିପାରିବେ ।

## କେବେ ଓ କେମିତି ଯିବେ

ରାୱାଙ୍ଗଲାକୁ ବୁଲିଯିବା ପାଇଁ ଏପ୍ରିଲ୍‌ରୁ ମେ' ଏବଂ ସେପ୍ଟେମ୍ବରରୁ ନଭେମ୍ବର ହେଉଛି ସବୁଠୁ ଭଲ ସମୟ । ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ସୁବିଧା ରହିଛି । ବାଗ୍‌ଡୋଗ୍ରା ଏୟାରପୋର୍ଟ ହେଉଛି ରାୱାଙ୍ଗଲା ନିକଟବର୍ତ୍ତୀ ଏକ ମୁଖ୍ୟ ବିମାନବନ୍ଦର । ସେହିପରି ନିୟୁ ଜଳପାଇଗୁଡ଼ି ରେଳୱେଷ୍ଟେଶନ ହେଉଛି ରାୱାଙ୍ଗଲା ନିକଟବର୍ତ୍ତୀ ଏକ ମୁଖ୍ୟ ରେଳଷ୍ଟେଶନ ।

**ସିକ୍କିମ୍‌ସ୍ଥିତ ଏକ ଲୋକପ୍ରିୟ ପାର୍ବତୀୟ ପର୍ଯ୍ୟଟନସ୍ଥଳ ହେଉଛି ରାୱାଙ୍ଗଲା । ଏଠାରେ ପର୍ଯ୍ୟଟକ ପ୍ରକୃତିର ଅପରୂପ ଶୋଭାକୁ ଉପଭୋଗ କରିବା ସହ ଜାତିଜାତିକା ପକ୍ଷୀଙ୍କୁ ଦେଖିପାରିବେ । ମୁଖ୍ୟତଃ ଏଠାକାର ବୁଦ୍ଧ ପାର୍କ ଆଗନ୍ତୁକଙ୍କୁ ବେଶ୍ ଆକୃଷ୍ଟ କରିଥାଏ ।**





# ବେଲ ପତ୍ର କାହିଁକି ପ୍ରିୟ

**ଦେବ ଦେବ ମହାଦେବଙ୍କୁ ଯିଏ ବି ଶ୍ରଦ୍ଧା ଓ ଭକ୍ତି ଭାବରେ ପୂଜା କରନ୍ତି ତାଙ୍କର ମନସ୍କାମନା ସେ ନିଶ୍ଚୟ ପୂରଣ କରନ୍ତି । ଏମିତିକି କେବଳ ବେଲପତ୍ର ଅର୍ପଣରେ ବି ସେ ସନ୍ତୁଷ୍ଟ ହୁଅନ୍ତି । କାରଣ ଏଇ ପତ୍ରରେ ଥାଏ ତାଙ୍କର ଶ୍ରଦ୍ଧା। ତେବେ ଏହି ବେଲପତ୍ର ଭଗବାନ ଶିବଙ୍କର କାହିଁକି ପ୍ରିୟ? ଜାଣନ୍ତୁ ସେ ସମ୍ପର୍କରେ...**

ଭଗବାନ ଶିବ ! ଶ୍ରଦ୍ଧାର ଠାକୁର ସିଏ । ଯିଏ ବି ତାଙ୍କୁ ଶ୍ରଦ୍ଧାରେ ପୂଜନ୍ତି ତାଙ୍କ ମନସ୍କାମନା ସେ ନିଶ୍ଚୟ ପୂରଣ କରନ୍ତି । ଭୋଳାନାଥଙ୍କୁ ଭକ୍ତମାନେ ସାଧାରଣତଃ କ୍ଷୀର, ଦୁଦୁରା ଫୁଲ ଓ ବେଲପତ୍ର ଅର୍ପଣ କରି ପୂଜା କରିଥାନ୍ତି । ତେବେ ମହାଦେବଙ୍କୁ ଯାହା ସବୁଠୁ ପ୍ରିୟ ତାହା ହେଉଛି ବେଲପତ୍ର । ଏହା ମହାଦେବଙ୍କର କାହିଁକି ଏତେ ପ୍ରିୟ ତା'ପଛରେ ରହିଛି ଅନେକ କାରଣ, ଯାହାକି ପୁରାଣରେ ବର୍ଣ୍ଣିତ ଅଛି ।

ଶିବ ପୁରାଣ ଅନୁସାରେ ଯେତେବେଳେ ସମୁଦ୍ର ମନ୍ଥନ ହୋଇଥିଲା, ସେଥିରୁ ବାହାରିଥିଲା ହଳାହଳ ବିଷ । ସେଇ ବିଷ ଲାଗି ସମଗ୍ର ସୃଷ୍ଟି ଉପରେ ସଙ୍କଟ ସୃଷ୍ଟି ହୋଇଥିଲା । ଶେଷରେ ସୃଷ୍ଟିର ରକ୍ଷା ପାଇଁ ଭଗବାନ ଶିବ ସେହି ହଳାହଳ ବିଷକୁ ପାନ କଲେ । ଫଳସ୍ୱରୂପ ମହାଦେବଙ୍କ ଶରୀର ଓ ମସ୍ତିଷ୍କର ତାପମାତ୍ରା ବଢିବାକୁ ଲାଗିଲା । ତା'ସହ ସମ୍ପୂର୍ଣ୍ଣ ସୃଷ୍ଟି ବି ଅଗ୍ନି ଭଳି ଉଷ୍ମ ହେବାକୁ ଲାଗିଲା । ଧରାପୃଷ୍ଠର ସବୁ ପ୍ରାଣୀଙ୍କ ଜୀବନ ଦୁର୍ବିଷହ ହୋଇଗଲା । ଫଳରେ ସୃଷ୍ଟିର ହିତ ତଥା ବିଷର ପ୍ରକୋପ କମାଇବା ଲାଗି ଦେବତାମାନେ ମହାଦେବଙ୍କୁ ବେଲପତ୍ର ଖୁଆଇଥିଲେ । ବେଲପତ୍ର ଖାଇବା ଦ୍ୱାରା ବିଷର ପ୍ରଭାବ କମିଗଲା । କୁହାଯାଏ ସେବେଠାରୁ ହିଁ ମହାପ୍ରଭୁଙ୍କୁ ଖୁସି ଓ ଶାନ୍ତ କରିବା ଲାଗି ବେଲପତ୍ର ଚଢାଇବାର ପରମ୍ପରା ଆରମ୍ଭ ହୋଇଛି ।

ଏହି ବେଲପତ୍ର ଚଢାଇବାକୁ ନେଇ ଆଉ ଏକ ମାନ୍ୟତା ବି ଅଛି । ପୁରାଣ ଅନୁସାରେ ଦେବୀ ପାର୍ବତୀ କଠୋର ତପ କରିବା ସତ୍ତ୍ୱେ ନୀଳକଣ୍ଠଙ୍କୁ ପ୍ରସନ୍ନ କରିପାରି ନ ଥିଲେ । ଶେଷରେ ସେ ବେଲପତ୍ର ଉପରେ 'ଶ୍ରୀ ରାମ' ଲେଖି ଭୋଳେନାଥଙ୍କୁ ଅର୍ପଣ କରିଥିଲେ । ଏହାପରେ ମହାଦେବ ପ୍ରସନ୍ନ ହୋଇଥିଲେ । ତେଣୁ ବିଶ୍ୱାସ ରହିଛି ବେଲପତ୍ର ନ ଚଢାଇଲେ ମହାଦେବଙ୍କ ପୂଜା ସମ୍ପୂର୍ଣ୍ଣ ହୁଏ ନାହିଁ ।


ଏହାବାଦ୍ ଭଗବାନ ଶିବଙ୍କ ପୂଜାରେ ବେଲପତ୍ରର ମହତ୍ତ୍ୱ ସମ୍ପର୍କରେ ଆହୁରି ଅନେକ ଗ୍ରନ୍ଥରେ ବି ଉଲ୍ଲେଖ ରହିଛି । ଖାସ୍‌କରି ଶିବ ମହାପୁରାଣରେ ଏ ସମ୍ପର୍କରେ ଉଲ୍ଲେଖ ରହିଛି ଯେ, ମହାଦେବଙ୍କ ପୂଜା ପାଇଁ କିଛି ନ ଥାଉ ପଛେ, ଯଦି ଖାଲି ବେଲପତ୍ର ଚଢାଯାଏ ତେବେ ପୂଜାର ପୂରା ଫଳ ପ୍ରାପ୍ତ ହୁଏ । ତେଣୁ ବେଲଗଛକୁ ପବିତ୍ର ମଣାଯାଏ । ଏହାକୁ 'ଶିବଦ୍ରୁମ' ବୋଲି ମଧ୍ୟ କୁହାଯାଏ । ଏହି ଗଛ ସମୃଦ୍ଧି ଆଣେ ବୋଲି ବିଶ୍ୱାସ ରହିଛି ।

**ବେଲପତ୍ର ତୋଳିବାର ନିୟମ:** ଚତୁର୍ଥୀ, ଅଷ୍ଟମୀ, ନବମୀ, ଦ୍ୱାଦଶୀ, ଅମାବାସ୍ୟା, ପୂର୍ଣ୍ଣିମା, ସଂକ୍ରାନ୍ତି ଏବଂ ସୋମବାର ବେଲପତ୍ର ତୋଳିବା ଭଲ ନୁହେଁ । ଦ୍ୱିପ୍ରହର ପରେ ବି ଏହାକୁ ତୋଳିବା ଠିକ୍ ନୁହେଁ । ବିଶ୍ୱାସ ରହିଛି ଏହିଦିନରେ ବେଲପତ୍ର ତୋଳିଲେ ମହାଦେବ କ୍ରୋଧିତ ହୁଅନ୍ତି । ତେଣୁ ଏଥିରୁ ନିବୃତ୍ତ ରହିବା ଭଲ । ରବିବାର ବେଲପତ୍ର ତୋଳି ସେମାବାର ଶିବଲିଙ୍ଗ ଉପରେ ଚଢାଇବା ଭଲ । ତା'ଛଡ଼ା ମହାଦେବଙ୍କୁ ଏମିତି ବେଲପତ୍ର ଅର୍ପଣ କରିବା ଜରୁରୀ, ଯାହା ଆଦୌ ଫାଟି ନ ଥିବ କି କଟି ନ ଥିବ ।

**ବେଲପତ୍ର ଚଢ଼ାଇବାର ମନ୍ତ୍ର:** 'ତ୍ରିଦଳଂ ତ୍ରିଗୁଣାକାରଂ ତ୍ରିନେତ୍ରଂ ଚ ତ୍ରିଧାୟୁତମ୍' । ଅର୍ଥାତ୍ ତିନି ଗୁଣ, ତିନି ନେତ୍ର, ତ୍ରିଶୂଳ ଧାରଣ କରିଥିବା ଓ ତିନି ଜନ୍ମର ପାପକୁ ସଂହାର କରୁଥିବା ହେ ଶିବ ଭଗବାନ ! ମୁଁ ଆପଣଙ୍କୁ ତ୍ରିଦଳ ବେଲପତ୍ର ଅର୍ପଣ କରୁଛି ।

**ତ୍ରିଶାଖା ବେଲପତ୍ରର ମାହାତ୍ମ୍ୟ:** ବେଲପତ୍ରରେ ତିନିଟି ପତ୍ର ମିଶିକି ରହିଥାଏ । ଏହାକୁ ନେଇ ମଧ୍ୟ ଅନେକ ମାନ୍ୟତା ରହିଛି । ତିନି ପତ୍ରକୁ କେଉଁଠି ତ୍ରିଦେବ(ବ୍ରହ୍ମା, ବିଷ୍ଣୁ, ମହେଶ୍ୱର) ତ କେଉଁଠି ତିନି ଗୁଣ( ସତ୍ତ୍ୱ, ରଜ, ତମ) ଓ ଆଉ କେଉଁଠି ତିନି ଆଦିଧ୍ୱନି (ଯାହାର ସମ୍ମିଳନରେ ଓଁ ଧ୍ୱନିର ସୃଷ୍ଟି)ର ପ୍ରତୀକ ଭାବେ ଗ୍ରହଣ କରାଯାଏ । ବେଲପତ୍ରର ଏହି ତିନି ପତ୍ରକୁ ମହାଦେବଙ୍କ ତିନି ଆଖି ଅବା ତାଙ୍କର ଶସ୍ତ୍ର ତ୍ରିଶୂଳର ପ୍ରତୀକ ଭାବେ ମଧ୍ୟ ଗ୍ରହଣ କରାଯାଏ ।





# ଦୃଷ୍ଟିବାଧିତଙ୍କ ଖୁସି ପାଇଁ ସ୍କ୍ରୁରେ ପୋର୍ଟ୍ରେଟ୍

କଳାକାର ହାତରେ ସାମାନ୍ୟରୁ ଅତି ସାମାନ୍ୟ ଜିନିଷ ବି ପାଲଟିଯାଏ ଖୁବ୍ ଖାସ୍ । ବଦଳିଯାଏ ତା'ର ସତ୍ତା । ଏଇ ଯେମିତି ସାମାନ୍ୟ ସ୍କ୍ରୁକୁ ନେଇ ଜଣେ କଳାକାର ତିଆରି କରିଛନ୍ତି ସୁନ୍ଦର ପୋର୍ଟ୍ରେଟ୍। ଯାହାକୁ ଦେଖିଲେ ବିଶ୍ୱାସ କରି ହୁଏନା ସ୍କ୍ରୁରେ ବି ଏଭଳି ଜୀବନ୍ତ ପୋର୍ଟ୍ରେଟ୍ କରିହୁଏ । ଆଣ୍ଡ୍ରୁ ମାୟରସ୍ ନାମକ ଏହି କଳାକାର ଜଣକ ଜର୍ଜ ଉର୍‌ତଜେଲ ନାମକ ଜଣେ ଦୃଷ୍ଟିବାଧିତଙ୍କ ପାଇଁ ଏହି ପୋର୍ଟ୍ରେଟ ତିଆରି କରିଥିଲେ । ସ୍କ୍ରୁରେ କରିବାର ଉଦ୍ଦେଶ୍ୟ ଥିଲା ଜର୍ଜ ଯେମିତି ନିଜ ପୋର୍ଟ୍ରେଟ୍‌କୁ ଛୁଇଁ ତାକୁ ଅନୁଭବ କରି ନିଜକୁ ଚିହ୍ନିପାରିବେ । ଆଣ୍ଡ୍ରୁ ୪୦୦୦ଟି ସ୍କ୍ରୁକୁ ହାତରେ ପେଣ୍ଟ୍ କରି ଜର୍ଜଙ୍କର ଏହି ପୋର୍ଟ୍ରେଟ୍ ତିଆରି କରିଛନ୍ତି। ଜର୍ଜ ଦୃଷ୍ଟିହୀନ କିନ୍ତୁ ସେ ବି ଜଣେ କଳାକାର । ସେ ଜଣେ କାଠ କାରିଗର, ତା'ସହ ଜଣେ ଶିକ୍ଷକ । ସେ ଏକ ଆର୍ଟ ଗ୍ୟାଲେରୀ କରିବାକୁ ଚାହୁଁଥିଲେ । ଜର୍ଜଙ୍କ ଗ୍ୟାଲେରୀ ପାଇଁ ଆଣ୍ଡ୍ରୁ ପ୍ରଥମ ଆର୍ଟ ପିସ୍‌ଭାବେ ଜର୍ଜଙ୍କର ହିଁ ସ୍କ୍ରୁ ପୋର୍ଟ୍ରେଟ୍ ତିଆରି କଲେ । ଏହାକୁ କରିବା ଲାଗି ସେ ପ୍ରଥମେ ଜର୍ଜଙ୍କ ଚେହେରାର ଏକ ପେଣ୍ଟିଂ କରିଥିଲେ । ପରେ ସେହି ପେଣ୍ଟିଂ ଉପରେ ସ୍କ୍ରୁଗୁଡ଼ିକୁ ଡ୍ରିଲ୍ କରି ଚେହେରାର ଆକାର ଅନୁସାରେ ଲଗାଇଲେ । ଦୁଇମାସ ଲାଗିଥିଲା ଏହି ସ୍କ୍ରୁ ପୋର୍ଟ୍ରେଟ୍‌କୁ ସମ୍ପୂର୍ଣ୍ଣ କରିବା ପାଇଁ। ଯେବେ ସେ ଏହି ପୋର୍ଟ୍ରେଟ୍‌କୁ ଜର୍ଜଙ୍କୁ ସ୍ପର୍ଶ କରାଇଲେ ଜର୍ଜ ସଙ୍ଗେ ସଙ୍ଗେ ତାକୁ ଅନୁଭବ କରିପାରିଲେ । ଆଉ ଜାଣିପାରିଲେ ତାହା ତାଙ୍କରି ପୋର୍ଟ୍ରେଟ୍ ବୋଲି । ସେ ବହୁତ ଖୁସି ହୋଇଥିଲେ । ଜର୍ଜଙ୍କ ଖୁସି ଆଣ୍ଡ୍ରୁଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରିଥିଲା । ଜର୍ଜ ସେହି ପୋର୍ଟ୍ରେଟ୍‌କୁ ନିଜ ଗ୍ୟାଲେରୀରେ ସ୍ଥାନ ଦେଲେ ।

# ପ୍ରେମର ସାଇଡ୍ ଇଫେକ୍ଟ



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

ଦିନକ ପୂର୍ବରୁ ସରିଛି ପ୍ରେମ ସପ୍ତାହ । ପ୍ରେମ କ'ଣ ? ଏହା କାହିଁକି ହୁଏ ? କିପରି ଘଟେ ? ପ୍ରେମରେ ପଡ଼ିବା ପରେ କ'ଣ ହୁଏ ? ଲୋକମାନେ କାହିଁକି ପ୍ରେମ ଶବ୍ଦକୁ ନେଇ କେବେ ଉଚ୍ଚାଟ ରୁହନ୍ତି ତ କେବେ ଉନ୍ମାଦ ! ଅନେକ ପ୍ରଶ୍ନ । ଏ ସବୁ ପ୍ରଶ୍ନ, ଯକ୍ଷର ପ୍ରଶ୍ନଠାରୁ ଆହୁରି ଜଟିଳ । ଏହାର ଭେଦକୁ ଜାଣିବା ପାଇଁ ପାଖରେ ଯୁଧିଷ୍ଠିରଙ୍କ ପରି ଧୈର୍ଯ୍ୟ, ବକ ଭଳି ଏକାଗ୍ରତା ରହିବା ଆବଶ୍ୟକ ।

ବୁଦ୍ଧି ପାଇଁ ସରସ୍ୱତୀ ପୂଜା, ଧନ ଲାଗି ଲକ୍ଷ୍ମୀ ପୂଜା, ରୋଗଶୋକ ପାଇଁ ସୂର୍ଯ୍ୟ ପୂଜା ଭଳି ବର୍ଷର ଗୋଟିଏ ଦିନ ପ୍ରେମ ପାଇଁ ଧାର୍ଯ୍ୟ ହୋଇଛି । ଏହି ଦିନ ବାବୁ, ସୁନା, ଜାନୁ, ଗେଲୁ, କଣ୍ଢେଇ, ସ୍ୱିଟି ସବୁ ଆକ୍ଟିଭ ହୋଇଯାନ୍ତି । କି ଟୋକା କି ବୁଢ଼ା ସମସ୍ତେ ଏ ପ୍ରେମ ଦିବସରେ ବାୟା । ଏହି ଦିନ ଏକ ବିଶେଷ ନକ୍ଷତ୍ରର ପ୍ରଭାବ ଏମାନଙ୍କ ଉପରେ ପଡ଼େ । ଯାହାର ପ୍ରେମ କରିବାକୁ ସାଙ୍ଗରେ ଜଣେ ଅଛି ସେ ଚିନ୍ତାରେ, ଯାହାର ନାହିଁ ସେ ବି ଚିନ୍ତାରେ । ଦଶ ଟଙ୍କାର ଗୋଲାପକୁ ଶହେ ଟଙ୍କା ଦେଲେ ବି ମିଳେନି । ତେଣେ ପ୍ରେମିକାକୁ ଗୋଲାପ ତୋଡ଼ା ଦରକାର । ପାଞ୍ଚ ଶହରେ ମିଳୁଥିବା ଟେଡି ବିଅରର ଦାମ ତିନିଗୁଣା ସେଥିରେ ପୁଣି ଦୋକାନୀ କହୁଥିବ, ନେଲେ ନିଅ ନ ହେଲେ ନାହିଁ । ଭାଲେଣ୍ଟାଇନ୍ସ ସପ୍ତାହର ଯେଉଁ ଆକାଂକ୍ଷିତ କିସ୍ ଡେ, ହଗ୍ ଡେ ପାଇଁ ବିଚରା ପ୍ରେମିକପ୍ରବର ଛାତିକୁ ଦମ୍ଭ କରି ଦାମୀ ଉପହାର ଦେଇ ପ୍ରେମିକାର ମନ ତୋସୁଥିଲା ତାହା କେତେବେଳେ ପ୍ରେମିକା ଘର ଲୋକଙ୍କ ସତର୍କତା ତ କେତେବେଳେ ଲାଠିଧାରୀ ସଂସ୍କୃତି ରକ୍ଷକ ଭାଇମାନଙ୍କ ଦୌରାତ୍ମ୍ୟ ଯୋଗୁ ଆଉ ସମ୍ଭବ ହେଉନି ।

ଗତକାଲି ଗୋଟେ ଜାଗାରେ ଲୋକଙ୍କ ଭିଡ଼ ଦେଖି ଅଟକି ଗଲି । କଥା କ'ଣ ବୁଝିଲା ବେଳକୁ, ଭାଲେଣ୍ଟାଇନ୍ସ ଦିବସରେ ରୋମିଓ ଜୁଲିଅଟ କିଛି ସମୟ ଏକାନ୍ତରେ ଭେଟିବାକୁ ଯୋଜନା କରିଥିଲେ । ଭାଗ୍ୟ ଖରାପକୁ ଏ କଥା ଜୁଲିଅଟର ଘର ଲୋକ ଜାଣିପାରିଲେ । ଠିକଣା ଜାଗାରେ ରୋମିଓ ଚଇନି ଚିକ୍କଣ ହୋଇ ଅପେକ୍ଷା କରିଥିବା ବେଳେ ଜୁଲିଅଟର ଘର ଲୋକଙ୍କ ପଛୁଆ ଅତର୍କିତ ଆକ୍ରମଣରେ ବିଚରା ଲହୁ ଲୁହାଣ । ଭିଡ଼ ଜମିବାରୁ ପୋଲିସ ଆସି ପହଞ୍ଚିଲେ । ଏସବୁ ଦେଖି ଜୁଲିଅଟ ଭୟରେ କହିଲା ସେ ପିଲାକୁ ଚିହ୍ନିନି । ଏକତରଫା ପ୍ରେମରେ ପାଗଳ ହୋଇ କହିଥିଲା ଏଠି ଆସି ଭେଟିବାକୁ । ମୁଁ ଭୟ ପାଇ ଘର ଲୋକଙ୍କୁ ଜଣେଇଥିଲି । ବାସ୍ ତା'ପରେ ଘର ଲୋକଙ୍କ ସହ ପୋଲିସ ବି ମିଶିଗଲେ । ନିଘୁକ ଛେଚା ପରେ ଶେଷକୁ ଶହେ ଥର ଉଠ ବସ ହୋଇ ରୋମିଓ ଜୀବନରେ ଆଉ କେବେ ସେ ଝିଅର ଆଖପାଖରେ ଦୃଶ୍ୟ ହେବନି ବୋଲି ଶପଥ କରି ଗଲା । ଘର ଲୋକ ତ ଘର ଲୋକ ଏ ସପ୍ତାହରେ ସଂସ୍କୃତି ରକ୍ଷକମାନଙ୍କ ସକ୍ରିୟତା ବି କିଛି କମ୍ ନୁହେଁ । ପାର୍କରେ ଲୈଲା ମଜ୍ନୁ ବସିଥିବା ବେଳେ ସଂସ୍କୃତିରକ୍ଷକ ଭାଇମାନେ ଆସି ପହଞ୍ଚିଲେ । ରାଖୀ ପିନ୍ଧା ନ ହେଲେ ଏଇଲେ ସିନ୍ଦୂର ପିନ୍ଧ । କି କଥା କିହୋ ରାଖୀ କି ସିନ୍ଦୂର ପିନ୍ଧିବ ଏଇଟା ତାଙ୍କ ବ୍ୟକ୍ତିଗତ କଥା ତୁମେ ବାଧ କରିବାକୁ କିଏ ! କଥା କଟାକଟିରୁ ପାଟିତୁଣ୍ଡ ତା'ପରେ ହାତାହାତି । ଭାଇମାନେ ମିଶି ମଜ୍ନୁକୁ ଧୁଲେଇ କରିବା ଆରମ୍ଭ କରିଦେଲେ । ଯେତେହେଲେ ସଂସ୍କୃତି ପରମ୍ପରାର କଥା ନା । ଲୈଲା ହାତ ଯୋଡି ଯେତେ ଅନୁନୟ ବିନୟ ହେଲେ ବି ସଂସ୍କୃତି ରକ୍ଷକମାନେ ସେଥିପ୍ରତି କାନ ଦେଉ ନ ଥାନ୍ତି । ମାନ ଲୈଲା ମଜ୍ନୁ ଚଳଚ୍ଚିତ୍ରର କୋଇ ପଥର ସେ ନା ମାରେ ମେରେ ଦିୱାନେ କୋ ସିନ୍‌ର ରି-ଶୁଟିଂ ଚାଲିଛି !

ଶୁଣିବାକୁ ମିଳେ, ପ୍ରେମ କରାଯାଏ ନାହିଁ ହୋଇଯାଏ । ପ୍ରେମର ଅନୁଭବ ନିଆରା । ପ୍ରେମ ମଣିଷକୁ ନମ୍ର କରେ, ପ୍ରେମ ଜୀବନକୁ ତିଆରି କରେ ଇତ୍ୟାଦି ଇତ୍ୟାଦି ଯାବତୀୟ ପାଠ ଯାହା ଅଛି ସେ ସବୁ ସାହିତ୍ୟ ବହିରେ ସୁନ୍ଦର ଲାଗେ । ଅସଲ ଜୀବନରେ ପ୍ରେମ ଏପରି ଏକ ରାସାୟନିକ କ୍ରିୟା ଯଦି ଠିକ୍ ଭାଗ ମାପ ନ ରହେ ତେବେ ଏହାର ସାଇଡ୍ ଇଫେକ୍ଟ ଭୟାନକ । ମଜ୍ନୁକୁ ଲୈଲା ମିଳି ନ ଥିଲା । ରୋମିଓକୁ ଜୁଲିଏଟ୍ ମିଳି ନ ଥିଲା । କେଦାରକୁ ଗୌରୀ ମିଳି ନ ଥିଲା । ହୀର୍‌କୁ ରାଞ୍ଝା ମିଳି ନ ଥିଲା । ପ୍ରେମିକ କବି ଗାଲିବଙ୍କ ଶେଷ ଜୀବନ ମଦ ଭାଟିରେ କଟିଲା । ଦେବଦାସଙ୍କ କଥା କାହାକୁ ବା ଅଜଣା !



ଯାହା ଜଣାପଡୁଛି ଯେଉଁଠି ପ୍ରେମକୁ ନେଇ ପ୍ରେମିକ ପ୍ରେମିକା ଉଭୟ ଅତି ମାତ୍ରାରେ ଭାବପ୍ରବଣ ଓ ପ୍ରତିଶ୍ରୁତିବଦ୍ଧ ସେଠି ପ୍ରେମର ଶେଷ ପରିଣତି ଖୁବ୍ କରୁଣ । ନେଇ ଆଣି ଥୋଇ ଜାଣିଥିଲେ ପ୍ରେମ ବିଦ୍ୟା ଭଲ । ଯେଉଁମାନେ ଉଚ୍ଚ ଲହଡ଼ି ସାମ୍ନାରେ କେତେ ନଇଁବା ଆବଶ୍ୟକ ଜାଣିଛନ୍ତି ସେମାନେ ସମୁଦ୍ର ସ୍ନାନର ମଜା ନେଇଛନ୍ତି ।

ପ୍ରେମ ଏକ ତତ୍ତ୍ୱ ନୁହେଁ ଯାହା ପାଇଁ ପିଥାଗୋରାସଙ୍କ ଜ୍ୟାମିତିକ ସିଦ୍ଧାନ୍ତ ଅନୁସରଣ କରି 'ଇତି ସିଦ୍ଧମ'ରେ ପହଞ୍ଚିହେବ । କବି କୁହନ୍ତି, ଆଗ କା ଦରିୟା ହୈ ଡୁବକେ ଯାନା ହୈ । ଭାରି କଠିନ ଏ ପଥ । ଯିଏ ପାରିଲା ସିଏ ତରିଗଲା ଯିଏ ନ ପାରିଲା ସେ ମଝି ନଈରେ ବୁଡ଼ିଲା । କେଉଁଠି ରୋମିଓ ପିଟା ଖାଇଲାଣି ତ କେଉଁଠି ଜୁଲିଏଟ୍ ବିଷ ପିଇଲାଣି । କେଉଁଠି ଦୁଇଟି ଛୁଆର ମା' ତିନିଟା ଛୁଆର ବାପା ସାଙ୍ଗରେ ଫେରାର ହୋଇଗଲାଣି ତ କେଉଁଠି ପ୍ରେମିକ ପାର୍କରେ ଅପେକ୍ଷା କରିଥିବା ବେଳେ ସେପଟେ ପ୍ରେମିକା ଆଉ କାହା ସାଙ୍ଗରେ 'ମେଲା ବାବୁ ତାନା ତାୟା' କଲାଣି । କଳିଯୁଗରେ ସବୁ ଭେଜାଲ ଭଳି କିଛି ପ୍ରେମୀ ପ୍ରେମକୁ ଭେଜାଲ କରିସାରିଲେଣି । ଯିଏ ଯେତେ ପବନ କଲା ସିଏ ସେତେ ଭଲ ପ୍ରେମିକ କି ପ୍ରେମିକା । ସତ ମିଛ କହି ଅନ୍ୟକୁ ଇମ୍ପ୍ରେସ କରିଦେଲେ ହେଲା । କଥାରେ ଅଛି ମା' ଧୋଉଛି ଅଖା, ଝିଅ କହୁଛି ମୁଁ ରେଖା, ବାପ ପାଖରେ ନାହିଁ ଟଙ୍କେ ପଞ୍ଚାବନ, ପୁଅ କହୁଛି ମୁଁ ଅମିତାଭ ବଚ୍ଚନ । ନିଶରେ ତୋରାଣି ମାରି ଘିଅ ଖାଇଛି ଭଳି କଥା କୁହାଳିଆ ଆଜିର ତାରିଖରେ ଭଲ ପ୍ରେମିକ କିମ୍ବା ପ୍ରେମିକା । ଧାର କରି ବାରମଜା ଖାଉଥିବା ପ୍ରେମିକ କାଳେ ପ୍ରେମିକା ପାଇଁ ଚନ୍ଦ୍ରରେ ଘର ତୋଳୁଛି । ଯାହା ଶୁଣିଲି ଗଲା ଭାଲେଣ୍ଟାଇନ୍ସ ସପ୍ତାହର ପ୍ରମିଜ୍ ଡେ'ରେ ଚନ୍ଦ୍ରର ସବୁ ଜାଗା ଆକାଶ ଛୁଆଁ ଦାମ୍‌ରେ ବିକ୍ରି ହେଇଯାଇଛି । ପ୍ରେମିକା ତୁଳସୀ ମଞ୍ଚି ବୁଣି ଅପେକ୍ଷା କରିଛି ଚନ୍ଦ୍ରରେ ଘର ତୋଳା ସରିଲେ ଚଉଁରାରେ ତୁଳସୀ ପୋତି ସେଠି ସନ୍ଧ୍ୟା ଧୂପ ଦେବ । ଇସ୍ରୋର ଚନ୍ଦ୍ରୟାନକୁ ଓହ୍ଲେଇବାକୁ ଆଉ ଖାଲି ଜାଗା ଟିକେ ବି ଛାଡି ନାହାନ୍ତି । ଫେଶ୍‌ବୁକ ହାଟ୍ସଆପ୍ ଭଳି ଗଣମାଧ୍ୟମ ଓ ପ୍ରଯୁକ୍ତିବିଦ୍ୟା ଯେତିକି ବିକଶିତ ହେଉଛି ସେହି ଅନୁଯାୟୀ ପ୍ରେମରେ ପ୍ରତାରଣା ଓ ପ୍ରବଞ୍ଚନା ସେତିକି ବୃଦ୍ଧି ଘଟୁଛି । ଖାସ୍ ଏଇ ମିଛୁଆ ରାଧୁଆ ପ୍ରେମୀମାନଙ୍କ ପାଇଁ ଆଜିଠୁ ସ୍ଲାପ ଡେ' କିକ୍ ଡେ ସପ୍ତାହ ଆରମ୍ଭ ହେଉଛି । ଆଜି ଦିନରେ ସ୍ଲାପ ଡେ' ରାତିରେ ଜାଗର ଆଉ କାଲିକୁ କିକ୍ ଡେ ଯାହାକୁ ଯେମିତି ପାଳିବ ପାଳ ।

ଭାଲେଣ୍ଟାଇନ୍ସ ସପ୍ତାହର କିଛି ଦିନ ତଳେ ନରି ଭାଇଙ୍କ ସହ ଦେଖାହେଲା । ଗତବର୍ଷ ସଂସ୍କୃତି ରକ୍ଷକ ଭାବେ ଅନେକ ପ୍ରେମୀ ଯୁଗଳଙ୍କୁ ରାଖୀ ବନ୍ଧେଇ ତ ଅନ୍ୟ କେଉଁଠି କାହାକୁ ଉଠ ବସ କରେଇ ପାଣି ପିଆଇଥିଲେ । ନରି ଭାଇଙ୍କୁ ଦେଖି ପଚାରିଲି, ଆମ ସଂସ୍କୃତିର ରକ୍ଷା ପାଇଁ ଏ ବର୍ଷ କ'ଣ ପ୍ଲାନ କରୁଛନ୍ତି ? ଭାଇ ମୋ କାନ୍ଧରେ ହାତ ରଖି ଦାର୍ଶନିକ ଭଳି କହିଲେ, ଦେଶରେ ଚାଇନା ଜିନିଷ ଆଉ ଆମ ଧର୍ମରେ ଅପସଂସ୍କୃତି ଏମିତି କାୟା ବିସ୍ତାର କରିଛି ଯେ, ମଣିଷ ଯେତେ ଜଗିଲେ ବି ତା' କବଳରୁ ମୁକୁଳି ପାରିବନି । ମଣିଷ କେତେ ଜଗିବ ? ଡରେଇ, ଧମକେଇ କ'ଣ କାହାକୁ ବାଟକୁ ଆଣିହେଲାଣି ନା କେବେ ହେବ ? ଖାଲି ଶୁଖିଲାଟାରେ ପ୍ରେମୀଯୁଗଳଙ୍କ ଅଭିଶାପ ମୁଣ୍ଡେଇବା କଥା । ଲୋକେ କହୁଛନ୍ତି, ଆମକୁ ମିଳୁନି କି ଆମକୁ କେହି ପଟୁ ନାହାନ୍ତି ବୋଲି କାଳେ ଆମେ ଈର୍ଷାରେ ଏ ସବୁ ସଂସ୍କୃତି ରକ୍ଷାର ବାହାନା କରୁଛୁ । ଛାଡ଼ ସେ ସବୁ, ଭାଲେଣ୍ଟାଇନ୍ସ ଡେ, ଫାଦର୍ସ ଡେ, ମଦର୍ସ ଡେ, ଡଟର୍ସ ଡେ ଭଳି ଏ ସବୁ ଡେ ସୁଦ୍ଧୁ ବେପାର । ବଜାରବାଦର ସାଇଡ ଇଫେକ୍ଟ । ଏ ସବୁ ଦେଖା ଶିଖା ଖର୍ଚ୍ଚ ବହୁଳ ଡେ' ଯୋଗୁ ଅବସ୍ଥା ଏମିତି ହେଲାଣି ଗରିବ ଲୋକଟିଏ ପ୍ରେମ କରିବା ପୂର୍ବରୁ ଦଶ ଥର ଭାବିବ । ଭାଲେଣ୍ଟାଇନ୍ସ ଡେ'ର ଉଛୁଳା ପ୍ରେମ ସବୁ ଦେଖି ଦେଖି ପ୍ରେମ ଉପରୁ ମୋର ଭରସା ଉଠିଗଲାଣି । ମୋ ଫଣ୍ଡା କିନ୍ତୁ ଅଲଗା ।

ମୋ ପାଇଁ ବର୍ଷର ପ୍ରତିଟି ଦିନ ପ୍ରେମ ଦିବସ । ନିଜକୁ ନିଜେ ପ୍ରେମ କରିବି । ଭାଲେଣ୍ଟାଇନ୍ସ ଡେ'ରେ ଅନ୍ୟ ପାଇଁ ନୁହେଁ ନିଜ ପାଇଁ ନିଜକୁ ସଜେଇ ହେବି । ଦେଖେଇ ହେବା ପାଇଁ ନୁହେଁ ନିଜକୁ ଯାହା ଭଲ ଲାଗିବ ତାକୁ ପିନ୍ଧିବି । ଇଚ୍ଛା ଅନୁଯାୟୀ ବୁଲିବି, ଖାଇବି ସାଙ୍ଗମାନଙ୍କ ସହ ଖଟି କରିବି । ମୋ ଦୁନିଆର ମୁଁ ପ୍ରେମିକପ୍ରବର, ସୁପରଷ୍ଟାର ହୋଇ ନିଜକୁ ନିଜେ ଭାଲେଣ୍ଟାଇନ୍ସ ଡେ'ର ଶୁଭେଚ୍ଛା ଜଣେଇବି । ଏ ପ୍ରେମ ପ୍ରେମ, ଭାଲେଣ୍ଟାଇନ୍ସ ଡେ' ଫେ' ସବୁ ମୋହ ମାୟା । ଦେଖିଚାହିଁ ଗୋଡ଼ ରଖିବ ନଚେତ ଥରେ ଶିଉଳିରେ ଗୋଡ଼ ଖସିଲେ କେବଳ ଭଗବାନ୍ ହିଁ ସାହା ।


-ବନମାଳୀ ଭବନ, ଖାନ୍‌ନଗର, କଟକ, ମୋ:୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ଜ୍ୟୋତିର୍ବ୍ରହ୍ମ ସୁଦର୍ଶନ

**ଲେଖକ: ପ୍ରଫେସର ଡ. ଧ୍ରୁବଚରଣ ନାୟକ, ପ୍ରକାଶକ: ଇଂ ପ୍ରିୟବ୍ରତ ନାୟକ ପ୍ଲଟ୍ ନଂ: ୧୧୭୯/୫ବି-୧, ସ୍ୱର୍ଣ୍ଣଶ୍ରୀ ଭବନ, ରତ୍ନାକର ବାଗ, ଭୁବନେଶ୍ୱର-୧୮ , ମୂଲ୍ୟ: ୨୫୦ ଟଙ୍କା**

ଜଟିଳ ସୁଦର୍ଶନ ତତ୍ତ୍ୱର ରହସ୍ୟକୁ ଉନ୍ମୋଚନ କରିବାରେ ପ୍ରଫେସର ଡ. ଧ୍ରୁବ ଚରଣ ନାୟକଙ୍କ ରଚିତ 'ଜ୍ୟୋତିର୍ବ୍ରହ୍ମ ସୁଦର୍ଶନ' ପୁସ୍ତକ ଲୋକାଭିମୁଖୀ ସରଳ ବୋଧଗମ୍ୟ ଭାଷାରେ ଉପସ୍ଥାପନ କରି ପାଠକମାନଙ୍କର ଉତ୍ସୁକତାକୁ ବହୁଗୁଣିତ କରି ଦେଇଛନ୍ତି । ଡ. ନାୟକ ପ୍ରାକ୍ ବୈଦିକ ପରବର୍ତ୍ତୀ ପୁରାଣ ଗ୍ରନ୍ଥମାନଙ୍କର ଅଧ୍ୟୟନ ତଥା ସୂକ୍ଷ୍ମାତିସୂକ୍ଷ୍ମ ତର୍ଜ୍ଜମା ପରିପ୍ରେକ୍ଷୀରେ ନିଜସ୍ୱ ମତ ପ୍ରକାଶ କରି ପାଠକମାନଙ୍କ ମନରେ ଉତ୍କଣ୍ଠା ଭରି ଦେଇଛନ୍ତି । ପୁସ୍ତକରେ ସୁଦର୍ଶନ ଚକ୍ରର ଜନ୍ମ ରହସ୍ୟ ସହ ବହୁ ବିରଳ ବୈଦିକ ତନ୍ତ୍ରଶାସ୍ତ୍ରର ବିଭିନ୍ନ ତତ୍ତ୍ୱକୁ ଉଦ୍ଧାର କରି ବହୁ ଶାସ୍ତ୍ରଦର୍ଶୀ ପ୍ରତିଭାର ପରିଚୟ ଦେଇଛନ୍ତି । ବିଶେଷତଃ ଜଗନ୍ନାଥ ଚେତନାର ସ୍ତମ୍ଭାକୃତି ବ୍ରହ୍ମଜ୍ୟୋତି ସୁଦର୍ଶନ ଚକ୍ର ଜଗନ୍ନାଥଙ୍କ ବାମ ପାର୍ଶ୍ୱରେ ଅବସ୍ଥିତ ଥିଲେ ମଧ୍ୟ ଶ୍ରୀମନ୍ଦିର ଚୂଡ଼ାର ମୂଳଚକ୍ର ରୂପେ ଓ ସାଗର ତଟର ଚକ୍ର ନାରାୟଣ ରୂପେ ପୂଜିତ ହେବାର ରହସ୍ୟ ବିଭିନ୍ନ ଶାସ୍ତ୍ରୋକ୍ତି ମାଧ୍ୟମରେ ଉନ୍ମୋଚନ କରିବାରେ ଲେଖକ ପାଠକଙ୍କୁ ଭେଟି ଦେଇଛନ୍ତି । ପୁସ୍ତକଟି ନିଶ୍ଚୟ ପାଠକାଦୃତି ହେବ ଏଥିରେ ସନ୍ଦେହ ନାହିଁ ।




### ବୁଲିଥିଲି ଭୁଲିନାହିଁ

**ଲେଖକ: ଗୋପାଳ ଚନ୍ଦ୍ର ମିଶ୍ର, ପ୍ରକାଶକ: ଶୀଳାଶ୍ରୀ ପବ୍ଲିକେଶନ, ଭୀମଟାଙ୍ଗୀ, ଭୁବନେଶ୍ୱର-୨, ମୂଲ୍ୟ: ୨୫୦ଟଙ୍କା**

ଏହା ଗୋପାଳ ଚନ୍ଦ୍ର ମିଶ୍ରଙ୍କର ଏକ ଭ୍ରମଣ କାହାଣୀ । ଏଥିରେ ଭ୍ରମଣର ସ୍ମୃତି ସହ ଦେଖିଥିବା ଦେଶର ନିୟମ କାନୁନ, ଖାଦ୍ୟ, ବିଶେଷ ଚଳଣି ଏବଂ ଅନେକ ଦର୍ଶନୀୟ ସ୍ଥାନ ପଛରେ ଥିବା ଐତିହାସିକ ଘଟଣାକୁ ପୁସ୍ତକଟିରେ ସ୍ଥାନିତ କରାଯିବା ସହିତ କେତେକ ଫଟୋ ମଧ୍ୟ ଦିଆଯାଇଛି । ଏଥିରେ ମାଲେସିଆ, ସିଙ୍ଗାପୁର, ଥାଇଲାଣ୍ଡ, ଦୁବାଇ, ଇଣ୍ଡୋନେସିଆ ଓ ଭୁଟାନ ଆଦି ଦେଶର ଭ୍ରମଣ କାହାଣୀ ଓ ଫଟୋଚିତ୍ର ସ୍ଥାନିତ ହୋଇଛି । ଲେଖକ ପୁସ୍ତକରେ ଏକ ଘଟଣା ସ୍ଥାନୀତ କରିଛନ୍ତି, ସେମାନେ ୩୮ ଜଣ ବୁଲିବା ପାଇଁ ଯାଇଥିଲେ । ବୁଲି ସାରିବା ପରେ ସେମାନେ ବସ୍‌ରେ ଫେରିବା ବେଳକୁ ଜଣେ ବ୍ୟକ୍ତି ଏଟିଏମ୍‌କୁ ଟଙ୍କା ଆଣିବା ପାଇଁ ଯାଇ ବସ୍ ପାଖକୁ ଠିକ୍ ସମୟରେ ଆସି ପାରି ନଥିଲେ । ବସ୍‌ଟି ଛାଡ଼ି ଦେଇଥିଲା । ସେ ଡ୍ରାଇଭର୍ କହିଲା, ସିଙ୍ଗାପୁର ରାସ୍ତାର ପାର୍କିଂ ସ୍ଥାନ ବ୍ୟତିତ ଅନ୍ୟ ସ୍ଥାନରେ ଗାଡ଼ି ପାର୍କିଂ କଲେ ପୋଲିସ ସଙ୍ଗେ ସଙ୍ଗେ ପହଞ୍ଚିବ ଆଉ ଭାରତୀୟ ମୁଦ୍ରାରେ ଅତି କମ୍‌ରେ ୨୨,୫୦୦ ଟଙ୍କା ଜରିମାନା ନେବ । କେତେ ଶୃଙ୍ଖଳିତ ସେଠାକାର ପାର୍କିଂ ବ୍ୟବସ୍ଥା ଆଉ ନୀତିନିୟମ ; ଯାହା ଆମେ ସେଠାରୁ ଶିଖିବା କଥା । ପୁସ୍ତକଟି ଭ୍ରମଣପ୍ରିୟ ବ୍ୟକ୍ତିଙ୍କ ଦ୍ୱାରା ଆଦୃତ ହେବ ।



# ହାତରେ କଲେ ମ୍ୟାରେଜ୍ ସାର୍ଟିଫିକେଟ୍‌ର ଟାଟୁ

ମଧ୍ୟ ଥାଇଲାଣ୍ଡସ୍ଥ, ସରବୁରୀ ପ୍ରାନ୍ତର ୩୪ ବର୍ଷୀୟ ମି.ଭାଲ୍ ନିଜ ସ୍ତ୍ରୀଙ୍କୁ ନିଜର ଭଲ ପାଇବାକୁ ପ୍ରଦର୍ଶିତ କରିବା ଲାଗି ଆପଣେଇଛନ୍ତି ଏକ ଅଭିନବ ଉପାୟ। ନିଜ ହାତରେ କରାଇଛନ୍ତି ମ୍ୟାରେଜ୍ ସାର୍ଟିଫିକେଟ୍‌ର ଏକ ଲାଇଫ୍ ସାଇଜ୍ ଟାଟୁ। ଭାବୁଛନ୍ତି କି ବୋଧହୁଏ



ମି.ଭାଲ ନୂଆ ବିବାହ କରିଛନ୍ତି ଓ ନୂଆ ନୂଆ ପ୍ରେମରେ ଉବୁଟୁବୁ ହୋଇ ଏମିତି ଟାଟୁ କରିଥିବେ। ହେଲେ ତାହା ନୁହେଁ ଅଷ୍ଟମ ବିବାହ ବାର୍ଷିକୀରେ ସେ ନିଜର ଭଲ ପାଇବାକୁ ଦର୍ଶାଇବା ଲାଗି ଏହି ଟାଟୁ କରାଇଥିଲେ। ଏଠାକାର କାଏଙ୍ଗ ଖୋଇ ଟାଟୁ ପାର୍ଲରରେ ସେ ଏହି ଟାଟୁ କରାଇଥିଲେ। ଫ୍ଲୋରାଲ ଫ୍ରେମ୍ ଭିତରେ ମ୍ୟାରେଜ ସାର୍ଟିଫିକେଟ୍ ଓ ସେଥିରେ ଏକ ଷ୍ଟାମ୍ପ ମାର୍କର ଏହି ଟାଟୁ କରାଇବା ଲାଗି ତାଙ୍କୁ ୮ ଘଣ୍ଟା ସମୟ ଲାଗିଥିଲା। ଆଉ ସହିଥିଲେ ବହୁତ କଷ୍ଟ। ହେଲେ ଧର୍ମପତ୍ନୀଙ୍କ ମୁହଁରେ ଖୁସି ଦେଖିବା ପାଇଁ ସେ ଏହି ଟାଟୁ କରାଇଥିଲେ। ତାଙ୍କ ଧର୍ମପତ୍ନୀ ଏହି ଟାଟୁ ଦେଖି ଖୁସି ହେବା ସହ ଆଶ୍ଚର୍ଯ୍ୟ ବି ହୋଇଥିଲେ। ମି.ଭାଲ୍ କୁହନ୍ତି, 'ଝଗଡା କି ମନାନ୍ତର ସମୟରେ ଏହି ଟାଟୁ ମତେ ମନେ ପକାଇଦିଏ ଆମ ଭଲ ପାଇବାର ପୁରୁଣା ସ୍ମୃତିସବୁ। ଫଳରେ ସବୁ ମନାନ୍ତର ମତାନ୍ତର କ୍ଷଣିକରେ ପ୍ରେମରେ ପରିଣତ ହୋଇଯାଏ।' ମି.ଭାଲ୍‌ଙ୍କର ଏଭଳି ଭାବେ ପ୍ରେମକୁ ପ୍ରଦର୍ଶିତ କରିବାର ମାଧ୍ୟମକୁ ସୋସିଆଲ ମିଡିଆରେ ଅନେକେ ପ୍ରଶଂସା କରୁଛନ୍ତି।



ବ୍ୟାକ୍ ପେଜ୍

# ଲାଲ ଲଙ୍କାର ସ୍ପା

ରିଲାକ୍ସ ହେବା ପାଇଁ, ଶରୀରକୁ ଟିକେ ହାଲୁକା ଓ ଆରାମ ଦେବା ଲାଗି ଲୋକେ ଯାଆନ୍ତି ସ୍ପା। ପୂର୍ବେ ଏହାକୁ ଲକ୍ସୁରି ସହ ଯୋଡ଼ା ଯାଉଥିଲା। ହେଲେ ଏବେ ଛତୁ ଫୁଟିଲା ଭଳି ଗଳି କନ୍ଦିରେ ସ୍ପା ଖୋଲିଲାଣି। ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ନାନା ପ୍ରକାରର ସୁବିଧା ସହ ଅଜବ ପ୍ରକାରର ସ୍ପା ସେବା ବି ପ୍ରଦାନ କରାଯାଉଛି। ଏଇ ଯେମିତି ଚାଇନାର ହରବିନ ସହରରେ ଅଛି ଏମିତି ଏକ ସ୍ପା, ଯେଉଁଠି ରିଲାକ୍ସେସନ୍ ବଦଳରେ ମିଳିବ ଏକ ଅଜବ ଅନୁଭୂତି। ଏହି ସ୍ପା ସେଣ୍ଟରର ନାଁ ହେଉଛି 'ହଟ୍ ସ୍ପା', ଯାହାକି ଏଠାକାର ମାପଲ୍ ଲିଫ୍ ଭିଲେଜ୍ ହଟ୍ ସ୍ପ୍ରିଙ୍ଗ ରିସର୍ଟରେ ଅଛି। ଏହି ସ୍ପାର ବିଶେଷତ୍ୱ ହେଉଛି ଏଠାରେ ଏକ ବାଥ୍‌ଟବ୍‌ରେ କ୍ଷୀରରେ ଲାଲ ଲଙ୍କା, ଜଲପିନୋ ଓ ଅନ୍ୟ ପନିପରିବା ମିଶାଇ ଗ୍ରାହକଙ୍କୁ ସ୍ନାନ କରାଯାଏ। ଟବ୍‌ଟି ଗୋଲାକାର। ହେଲେ ଏହାକୁ ଏସ୍ ଆକାରରେ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ଭାଗରେ ଲାଲ ପାଣି ଦେଖିବାକୁ ମିଳେ ଯେଉଁଥିରେ ଜଲପିନୋ ଓ ଲାଲ ଲଙ୍କା ଭାସୁଥିବାର ଦେଖିବାକୁ ମିଳିବ। ଅନ୍ୟଭାଗରେ କ୍ଷୀର ମିଶ୍ରିତ ପାଣିରେ ଲାଲ ଖଜୁରି, ଗୁଜ୍ ବେରି ଓ ଅନ୍ୟ ପନିପରିବା ଭାସୁଥିବାର ଦେଖିବାକୁ ମିଳେ। ଲୋକମାନେ ଉଭୟ ପଟର ପାଣିରେ ସ୍ନାନ କରନ୍ତି। ଲଙ୍କା ମିଶ୍ରିତ ଜଳରେ ତ୍ୱଚା ଜଳିବା, ଲାଲ ହେବା ଓ ଯନ୍ତ୍ରଣା ହେବାର ଆଶଙ୍କା ରହିଥାଏ। ତେଣୁ ଅନେକେ ଏହି ସ୍ପାକୁ ମଜା ନୁହେଁ ସଜା କହିବା ସହ ଏହାକୁ ପାଗଳାମୀ ବୋଲି ବି କହୁଛନ୍ତି। ହେଲେ ସ୍ପା ସେଣ୍ଟରର ଦାବି ଯେ, ଲାଲ ଲଙ୍କା ଥିବା ଭାଗ ରକ୍ତ ସଞ୍ଚାଳନ ବଢାଏ ଓ ତ୍ୱଚାରେ ଚମକ୍ ଆଣେ। ଅନ୍ୟପକ୍ଷେ କ୍ଷୀର ମିଶ୍ରିତ ଭାଗ ତ୍ୱଚାକୁ ମୁଲାୟମ ଓ ନରମ କରିଥାଏ। ସୂଚନାଯୋଗ୍ୟ ଯେ, ହରବିନ୍ ସହରକୁ ଚାଇନାର ଆଇସ୍ ସିଟି ବୋଲି କୁହାଯାଏ। କାରଣ ଶୀତଦିନେ ଏଠି ଅତ୍ୟଧିକ ଥଣ୍ଡା ଅନୁଭୂତ ହୁଏ। ତେଣୁ ଏଠାରେ ହଟ୍ ସ୍ପ୍ରିଙ୍ଗ ଓ ସ୍ପା'ର ଆକର୍ଷଣ ରହିଛି। ଆଉ ହଟ୍‌ପଟ୍ ସ୍ପା ହେଉଛି ଏବେ ଏଠାକାର ନୂଆ ଟ୍ରେଣ୍ଡ।









# ପୋଷା ପଥର ଅଲିମ୍ପିକ

ମଣିଷ ବିଭିନ୍ନ ପ୍ରକାରର ପକ୍ଷୀ ଓ ପ୍ରାଣୀଙ୍କୁ ଘରେ ପୋଷ୍ୟଭାବେ ରଖିଥାଏ। ସେମାନଙ୍କୁ ଘରର ସଦସ୍ୟଭାବେ ସ୍ନେହ ଶ୍ରଦ୍ଧା ବି ଦିଏ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ଏକ ସ୍ଥାନ ଅଛି ଯେଉଁଠି ଲୋକମାନେ ପ୍ରାଣୀ ନୁହେଁ ବରଂ ନିର୍ଜୀବ ସୁନ୍ଦର ସୁନ୍ଦର ପଥରକୁ ପୋଷନ୍ତି। କେବଳ ସେତିକି ନୁହେଁ ଏହି ପେଟ୍ ରକ୍‌କୁ ନେଇ ସେଠାରେ ଅଲିମ୍ପିକର ଆୟୋଜନ ବି ହୁଏ। ଉକ୍ତ ଅଲିମ୍ପିକର ନାଁ ହେଉଛି 'ପେଟ୍ ରକ୍ ଅଲିମ୍ପିକ୍'। କଲରାଡୋ ଷ୍ଟେଟ୍ ଫେୟାରରେ ଏହି ଅଲିମ୍ପିକ ଆୟୋଜିତ ହୁଏ। ଏହି ଅଲିମ୍ପିକ୍‌ରେ ପେଟ୍ ପଥର୍‌କୁ ନେଇ 'ବେଷ୍ଟ ଡ୍ରେସ୍‌ଡ' ଓ 'ଫାରଦେଷ୍ଟ ଡିଷ୍ଟାନ୍ସ ରୋଲର୍' ଦୁଇଟି ବିଭାଗରେ ଖେଳର ଆୟୋଜନ ହୁଏ। ବେଷ୍ଟ ଡ୍ରେସ୍‌ଡ କାଟେଗୋରିରେ ପ୍ରତିଯୋଗୀମାନେ ନିଜ ନିଜର ପେଟ୍ ରକ୍‌କୁ ସୁନ୍ଦର ସୁନ୍ଦର ପୋଷାକ ପିନ୍ଧାଇ ସଜାଇ କରି ଆଣନ୍ତି। ଯେଉଁ ରକ୍‌ଟି ସବୁଠୁ ବେଶି କ୍ୟୁଟ୍ ଦେଖାଯାଏ ତାକୁ ମିଳେ ବିଜୟୀର ଆଖ୍ୟା। ଆଉ 'ଫାରଦେଷ୍ଟ ଡିଷ୍ଟାନ୍ସ ରୋଲର୍' ବିଭାଗରେ ପେଟ୍ ରକ୍‌କୁ ଗଡାଯାଏ, ଯେଉଁ ପେଟ୍ ରକ୍ ଅଧିକ ଦୂର ଯାଏ ସେ ହୁଏ ବିଜୟୀ। ଶୁଣିବାକୁ ଅଜବ ଲାଗୁଥିଲେ ହେଁ, ଦେଖିବାକୁ ବେଶ୍ ମଜାଦାର ଲାଗେ ଏହି ଅଲିମ୍ପିକ।

